ଓଡିଆ ଭାଷା ଓ ଯୋଗାଯୋଗ ଡିପ୍ଲୋମା କାର୍ଯ୍ୟକ୍ରମ

**DOLC-1**

ବ୍ଲକ୍

# ୧ ଓଡିଆ ବର୍ଣ୍ଣ ପରିଚୟ

ପ୍ରଥମ ଏକକ

**ବର୍ଣ୍ଣ ,ବନାନ**

ଦ୍ୱିତୀୟ ଏକକ

**ବିଶେଷ୍ୟ,ବିଶେଷଣ,ସର୍ବନାମ,ଲିଙ୍ଗ,ଶବ୍ଦରୂପ**

## ବିଶେଷଜ୍ଞ କମିଟି

୧. **ପ୍ରଫେସର ଡଃ ଖଗେଶ୍ୱର ମହାପାତ୍ର** — **ଅଧ୍ୟକ୍ଷ**
ପ୍ରଫେସର (ଅବସରପ୍ରାପ୍ତ), ବିଶ୍ୱଭାରତୀ
ବିଶ୍ୱବିଦ୍ୟାଳୟ, ଶାନ୍ତିନିକେତନ

୨. **ଡଃ ବସନ୍ତ କୁମାର ପଣ୍ଡା** — **ସଦସ୍ୟ**
ପ୍ରାଧ୍ୟାପକ, ଓଡିଆ ବିଭାଗ
ଆଂଚଳିକ ଶିକ୍ଷା ପ୍ରତିଷ୍ଠାନ, ଭୁବନେଶ୍ୱର

୩. **ପ୍ରଫେସର ଡଃ ନାରାୟଣ ସାହୁ** — **ସଦସ୍ୟ**
ପ୍ରଫେସର (ଅବସରପ୍ରାପ୍ତ)
ଉତ୍କଳ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର

୪. **ଡଃ କ୍ଷୀରୋଦ ଚନ୍ଦ୍ର ବେହେରା** — **ସଦସ୍ୟ**
ପ୍ରାଧ୍ୟାପକ, ଓଡିଆ ବିଭାଗ
ବି.ଜେ.ବି. ସ୍ୱୟଂଶାସିତ ମହାବିଦ୍ୟାଳୟ,
ଭୁବନେଶ୍ୱର

୫. **ଡଃ ଦିଲୀପ କୁମାର ନାୟକ** — **ଆବାହକ**
ଅଧ୍ୟାପକ, ଓଡିଆ ବିଭାଗ
ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ
ସମ୍ବଲପୁର

## ପ୍ରସ୍ତୁତି

**ଲେଖକ**

**ଡକ୍ଟର ଦେବାଶୀଷ ମହାପାତ୍ର**
ଅଧ୍ୟାପକ ଭାଷା ବିଜ୍ଞାନ,
ଓମାର-ଅଲ ମୁକ୍ତାର ବିଶ୍ୱବିଦ୍ୟାଳୟ
ତୋବ୍ରୁକ ଲିବ୍ୟା, ଉତ୍ତର ଆଫ୍ରିକା

**ସମୀକ୍ଷା ଓ ସଂପାଦନା**

**ଡଃ ଦିଲୀପ କୁମାର ନାୟକ**
ଅଧ୍ୟାପକ, ଓଡିଆ ବିଭାଗ
ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ
ସମ୍ବଲପୁର

## ସାମଗ୍ରୀ ଉତ୍ପାଦନ

**ଡ. ଜୟନ୍ତ କର ଶର୍ମା**
କୁଳସଚିବ
ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ, ସମ୍ବଲପୁର

© OSOU, 2017. *Promoting Use and Contribution of Open Education Resources* is made available under a Creative Commons Attribution-ShareAlike 4.0 http://creativecommons.org/licences/by-sa/4.0
Printers by : Sri Mandir Publication, Sahid Nagar, Bhubaneswar

# ପ୍ରାକ୍‌ଭାଷ

ଓଡିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟର ଓଡିଆ ଭାଷା ଓ ଯୋଗାଯୋଗ କାର୍ଯ୍ୟକ୍ରମକୁ ସ୍ୱାଗତ ।

ଭାଷା ମଣିଷର ଏକ ସ୍ୱତନ୍ତ୍ର ବିଭବ ଯାହା ତାକୁ ଅନ୍ୟ ମଣିଷ ସହ ଯୋଗାଯୋଗ ରକ୍ଷା କରିବାରେ ସହାୟତା ପ୍ରଦାନ କରିଥାଏ । ଏହି ପ୍ରକ୍ରିୟା ମାଧ୍ୟମରେ ସେ ସାମାଜିକ ରୂପାନ୍ତରଣ ଆଡକୁ କ୍ରମଶଃ ଗତିକରେ । ଶିଶୁଟି ଏଇ ଭାଷା ମାଧ୍ୟମରେ ସମଗ୍ର ବିଶ୍ୱକୁ ଜାଣେ । ମଣିଷ ବିଭିନ୍ନ ସାଂକେତିକ ତଥା ଲିଖିତ ଭାଷା ମାଧ୍ୟମରେ ଆପଣା ଭାବ ପ୍ରକାଶ କରିଥାଏ । ତେଣୁ ଭାଷାକୁ ଆମେ ଏକ ପ୍ରକାରର ଭାବ-ବାହୀ ସଂକେତ ଭାବରେ ମଧ୍ୟ ଗ୍ରହଣ କରିପାରିବା, ଯାହା ସମଗ୍ର ପୃଥିବୀରେ ଭିନ୍ନଭିନ୍ନ ଉଚ୍ଚାରଣ ମାଧ୍ୟମରେ ସେଇ ସମାନ କଥାକୁ ଇଂଗିତ କରିପାରେ । ଅତଏବ ଏକା ପ୍ରକାରର ବକ୍ତବ୍ୟକୁ ଭିନ୍ନଭିନ୍ନ ଉଚ୍ଚାରଣ ଭଂଗୀ ବା ଶୈଳୀ ମାଧ୍ୟମରେ ପ୍ରକାଶ କରାଯାଉଥିବାରୁ ଭାଷାକୁ ଆମେ ଯୋଗାଯୋଗର ସର୍ବାପେକ୍ଷା ଶକ୍ତିଶାଳୀ ମାଧ୍ୟମ ଭାବରେ ମଧ୍ୟ ବିବେଚନା କରିପାରିବା । ଭାଷା ସଦା ପରିବର୍ତ୍ତନଶୀଳ ଏକ ଶକ୍ତିଶାଳୀ ମାଧ୍ୟମ । ଏହା ସର୍ବଦା ପାରିପାର୍ଶ୍ୱିକ ପରିବେଶ ଦ୍ୱାରା ବଦଳୁଥାଏ । ସେଥିପାଇଁ ଭାରତର ପ୍ରାଦେଶିକ ସୀମାରେଖାରେ ଜୀବନ କାଟୁଥିବା ଅଧିବାସୀ ମାନେ ନିଜ ପ୍ରଦେଶର ଓ ପଡୋଶୀ ପ୍ରଦେଶର ଭାଷା ଉପରେ ବେଶ୍ ଦକ୍ଷତା ଅର୍ଜନ କରିଥାନ୍ତି । ଭାରତରେ ପ୍ରଚଳିତ ମୋଟ ୭୮୦ଟି କଥିତ ଭାଷାରୁ ବିଗତ ୫୦ ବର୍ଷ ମଧ୍ୟରେ ଅନ୍ତତଃ ୨୨୦ରୁ ଊର୍ଦ୍ଧ୍ୱ ଭାଷା ମୃତ୍ୟୁ ଲଭିଲେଣି । ଏଥି ମଧ୍ୟରୁ ଅନେକଙ୍କର ଲିଖିତରୂପ ନାହିଁ । ସରକାରୀ ପ୍ରୋତ୍ସାହନ ଅଭାବରୁ ଅନେକ ଭାଷା କ୍ରମଶଃ ଲୋପ ପାଉଥିବାର ଦୃଷ୍ଟାନ୍ତ ମଧ୍ୟ ଦେଖିବାକୁ ମିଳିଥାଏ । କିନ୍ତୁ ଏଭଳି କିଛି ପ୍ରାଚୀନ ଭାଷା ରହିଛି, ଯେଉଁଥିରେ ଅତି ମୂଲ୍ୟବାନ ତଥ୍ୟ,ତତ୍ତ୍ୱ,ଦର୍ଶନ ଲୁକ୍‌କାୟିତ ହୋଇରହିଛି । ଅତଏବ ସେ ସବୁଭାଷାର ଅଧିକରୁ ଅଧିକ ପ୍ରୟୋଗ ହୋଇପାରିଲେ ତା'ର ଅନ୍ତଃସତ୍ତାକୁ  ବୁଝିବା ଓ ପ୍ରକାଶ କରିବା ସମ୍ଭବ ହେବ ।

ଭାଷା ଗୋଟିଏ କ୍ଲିଷ୍ଟକର ବ୍ୟାପାର । ଏହାକୁ ବୁଝିବାକୁ,ଜାଣିବାକୁ ହେଲେ ବ୍ୟାକରଣ ଜ୍ଞାନ ନିତାନ୍ତ ପ୍ରୟୋଜନ । ବ୍ୟାକରଣ ମାଧ୍ୟମରେ ତର୍କ ଏବଂ ତର୍କ ମାଧ୍ୟମରେ ଭାଷାବିଜ୍ଞାନକୁ ବୁଝିବା ସହଜସାଧ୍ୟ ହୋଇଥାଏ । ଆମମାନଙ୍କ ଜୀବନ ଉପରେ ଭାଷାର ପ୍ରଭାବ ଅତୁଳନୀୟ  । ଭାଷା ଏକ ଜୀବନ୍ତ ପ୍ରକ୍ରିୟା । ଏହାକୁ ଅର୍ଜନ କଲେ ଜ୍ଞାନର ଦିଗ୍‌ବଳୟ ପ୍ରସାରିତ ହୋଇଥାଏ । ଅତଏବ ଭାଷା, ଭାଷା ବିଭବ ବ୍ୟାକରଣ ଓ ତା'ର ପ୍ରାୟୋଗିକ ଦିଗ ଗୁଡିକୁ ଉତ୍ତମ ରୂପେ ବୁଝିବା ଆବଶ୍ୟକ  । ଏହି ଆବଶ୍ୟକତାକୁ ଦୃଷ୍ଟିରେ ରଖି ଓଡିଆ ଭାଷା ଓ ଯୋଗାଯୋଗ ଡିପ୍ଲୋମା କାର୍ଯ୍ୟକ୍ରମ ପ୍ରସ୍ତୁତ କରାଯାଇଛି । ବହିରାଗତ ଆକ୍ରମଣକାରୀଙ୍କ ପ୍ରଭାବ ଯୋଗୁଁ ଭାରତର ବିଭିନ୍ନ ସାମାଜିକ, ରାଜନୈତିକ, ଅର୍ଥନୈତିକ ତଥା ସାଂସ୍କୃତିକ କ୍ଷେତ୍ରରେ ବିପୁଳ ଆଲୋଡନ ସୃଷ୍ଟି ହୋଇଥିଲା । ସେଇ ସମୟରେ ଅତୀତର ରାଜା ଓ ରାଜା କୈନ୍ଦ୍ରିକ ଭାଷା ଆମର ଭାଷା ଭଣ୍ଡାରକୁ ବହୁମାତ୍ରାରେ ପ୍ରଭାବିତ କରିଥିଲା । ତେଣୁ ପଂଚଦଶ ଶତାବ୍ଦୀରୁ ଊନବିଂଶ ଶତାବ୍ଦୀର ମଧ୍ୟଭାଗ ପର୍ଯ୍ୟନ୍ତ ଅଣଇଂରେଜୀ ବୈଦେଶିକ ପ୍ରଭାବ ଏବଂ ତା ପରଠାରୁ ଇଂରେଜୀ ଭାଷା ସଂସ୍କୃତିର ପ୍ରଭାବ ଆମ ଭାଷା ବିଭବକୁ ପ୍ରକାରାନ୍ତରେ ସମୃଦ୍ଧ କରିଛି ବୋଲି କୁହାଯାଇପାରିବ । ରେଡିଓ,ମୁଦ୍ରିତ ଓ ବୈଦ୍ୟୁତିକ ଗଣମାଧ୍ୟମର ବିସ୍ତାର ସହ ବିଜ୍ଞାନ ଓ ବୈଷୟିକ ବିଦ୍ୟାର ପ୍ରସାର ଯୋଗୁଁ ଆମ ଭାଷାରେ ଅନେକ ପ୍ରକାରର ନୂତନ ଶବ୍ଦ ଓ ବାକ୍ୟପ୍ରକରଣ ଶୈଳୀର ଅନୁପ୍ରବେଶ ଘଟିଛି । ଏସବୁର ସଫଳ ଓ ତ୍ରୁଟିଶୂନ୍ୟ ପ୍ରୟୋଗକୁ ଦେଖାଇବା ସହ ଓଡିଆ ଭାଷା ଓ ବ୍ୟାକରଣ ସୁବିସ୍ତୃତ ପରିଚୟ ପ୍ରଦାନ କରିବା ଉକ୍ତ କାର୍ଯ୍ୟକ୍ରମର ଅନ୍ୟତମ ଲକ୍ଷ୍ୟ ।

ସମୁଦାୟ ୩୨ଟି କ୍ରେଡିଟ୍‌ରେ ବିଭାଜିତ ଉକ୍ତ କାର୍ଯ୍ୟକ୍ରମରେ ମୋଟ ଦୁଇଟି ସେମିଷ୍ଟର ରହିଛି । ପ୍ରତ୍ୟେକ ସେମିଷ୍ଟର ନିମନ୍ତେ ତିନୋଟି ଲେଖାଏଁ ପାଠ୍ୟକ୍ରମ ଅନୁବର୍ତ୍ତନ କରାଯାଇଛି । ସର୍ବଶେଷରେ ପୂର୍ବପଠିତ ସମସ୍ତ ବିଦ୍ୟାକୁ କଂପ୍ୟୁଟର କୌଶଳ ମାଧ୍ୟମରେ ଲିଖିତରୂପ ପ୍ରଦାନ କରାଯାଇ ଶିକ୍ଷାକୁ ଅଧିକ ଯୁଗୋପଯୋଗୀ କରାଯାଇପାରିବ ସେଥି ନିମନ୍ତେ ପ୍ରଯତ୍ନ କରାଯାଇଛି । ପ୍ରତ୍ୟେକ ସେମିଷ୍ଟର ଶେଷରେ ପ୍ରାୟୋଗିକ ଦିଗକୁ ସମୃଦ୍ଧ କରିବାପାଇଁ ପ୍ରୋଜେକ୍ଟ ରଖାଯାଇଛି । ସହଜ ପଠନ ନିମନ୍ତେ ପ୍ରତ୍ୟେକ ପାଠ୍ୟକ୍ରମକୁ ବିଭିନ୍ନ  ବ୍ଲକ୍ ଓ ପ୍ରତ୍ୟେକ ବ୍ଲକ୍‌ଙ୍କୁ ୟୁନିଟ୍ / ଏକତ୍ରରେ ବିଭକ୍ତ କରାଯାଇଛି ।

ପାଠ୍ୟକ୍ରମ ପରିବେଷଣର ନିର୍ଦ୍ଦିଷ୍ଟ ଅନ୍ତରାଳରେ ନିଜର ପ୍ରଗତି ମାପିବା ନିମନ୍ତେ ଆତ୍ମପରିକ୍ଷଣ ପ୍ରଶ୍ନାବଳୀ ପ୍ରଦାନ କରାଯାଇଛି । ପଠନ କାଳରେ ଏସବୁର ଉତ୍ତର ଲେଖିବାପାଇଁ ପ୍ରଦତ୍ତ ଶୂନ୍ୟସ୍ଥାନରେ ବିଦ୍ୟାର୍ଥୀମାନେ ଛୋଟ ଛୋଟ ଉତ୍ତର ଲେଖାନ୍ତୁ ଏବଂ ପରବର୍ତ୍ତୀ ପାଠ୍ୟକ୍ରମକ ଆଡକୁ ଆଗେଇ ଚାଲନ୍ତୁ  । ତଦ୍ଦ୍ୱାରା ପାଠ୍ୟକ୍ରମ ସମାପ୍ତି ବେଳକୁ ବିଦ୍ୟାର୍ଥୀମାନେ ସେହି କ୍ଷେତ୍ରରେ ଆତ୍ମ ବିଶ୍ୱାସ ଅର୍ଜନ କରିପାରିବେ । ବିଶ୍ୱାସ,ବିଦ୍ୟାର୍ଥୀମାନେ ଏହି ମୁଦ୍ରିତ ପାଠ୍ୟ ବ୍ୟତୀତ,ଇଂଟରନେଟ୍,ରେଡିଓ .ମଲ୍ଟିମିଡିଆ କ୍ଲାସ୍,ୱେବ୍ ସାଇଟ୍, ଇ-ମେଲ ,ଇତ୍ୟାଦିର ସଫଳ ପ୍ରୟୋଗ କରି ଅଧିକରୁ ଅଧିକ ବୋଧଗମ୍ୟତା ଅର୍ଜନ କରିବେ ।

ମୁକ୍ତ ଓ ଦୂରଶିକ୍ଷା ପ୍ରବର୍ତ୍ତନ କ୍ଷେତ୍ରରେ ଏହା ଏକ ପ୍ରାରମ୍ଭିକ ପ୍ରଚେଷ୍ଟା । ଅତଏବ ବିଦ୍ୟାର୍ଥୀମାନେ ପଠନକାଳରେ ନିଜର ସୁଚିନ୍ତିତ ମତାମତ ପ୍ରଦାନକଲେ ପରବର୍ତ୍ତୀ କାଳରେ ତାହା କିପରି ଅଧିକ ଉପଯୋଗୀ ହୋଇପାରିବ,ସେଥି ନିମନ୍ତେ ପ୍ରଯତ୍ନ କରାଯିବ ।

ସଂପାଦକ

# ଓଡ଼ିଆ ବର୍ଣ୍ଣ ପରିଚୟ

## ୧. ପ୍ରଥମ ଏକକ : ବର୍ଣ୍ଣ ଓ ବନାନ

### ବିଷୟର ଗଠନ :


୧.୧ ପଠନର ଉଦ୍ଦେଶ୍ୟ

୧.୨ ବିଷୟ ପରିଚୟ

୧.୩ ବର୍ଣ୍ଣ ଓ ବ୍ୟାକରଣ ସଂପର୍କରେ ସମ୍ୟକ୍ ଧାରଣା

୧.୩.୧ ବ୍ୟାକରଣର ସଂଜ୍ଞା

୧.୩.୨ ବ୍ୟାକରଣ

୧.୪ ଓଡ଼ିଆ ବର୍ଣ୍ଣ ଓ ବର୍ଣ୍ଣର ବିଭାଗୀ କରଣ

୧.୫ ବର୍ଣ୍ଣମାନଙ୍କ ଉଚ୍ଚାରଣ ସ୍ଥାନ

୧.୬ ଯୁକ୍ତବର୍ଣ୍ଣ ଓ ବନାନ / ଓଡ଼ିଆ ଲିପି ଓ ବନାନ

୧.୭ ଶବ୍ଦ ପ୍ରକରଣ - ମୌଳିକ ବ୍ୟୁତ୍ପାଦିତ (କୃଦନ୍ତ, ତଦ୍ଧିତ)

୧.୮ ସମ୍ଭାବ୍ୟ ପ୍ରଶ୍ନାବଳୀ / ସମ୍ଭାବ୍ୟ ଉତ୍ତର


## ୧.୧ ପଠନର ଉଦ୍ଦେଶ୍ୟ :

ଏହି ବିଷୟରେ ପଢ଼ିସାରିବା ପରେ ତୁମେ

- ଓଡ଼ିଆ ବର୍ଣ୍ଣ ଓ ବ୍ୟାକରଣ ବିଷୟରେ ଜାଣିପାରିବ ।
- ବ୍ୟାକରଣ ବୁଝିବା ପରେ ବିଭିନ୍ନ କ୍ଷେତ୍ରରେ ଓଡ଼ିଆ ଭାଷାର ସାର୍ଥକ ଉପଯୋଗ କରିବା ପାଇଁ ସମର୍ଥ ହୋଇପାରିବ ।
- ଓଡ଼ିଆ ବର୍ଣ୍ଣର ବିଭାଗୀକରଣ ଓ ବ୍ୟାକରଣର ବିଭିନ୍ନ ପ୍ରକାର ବିଷୟରେ ଏକ ସ୍ଥୁଳଧାରଣ ହେବ ।
- ଓଡ଼ିଆ ବ୍ୟାକରଣ ଯେ ସହଜ ଓ ସରଳ ଏହା ଅନୁଭବ କରିପାରିବ ।

## ୧.୨ ବିଷୟ ପରିଚୟ :

ଓଡ଼ିଆ ବର୍ଣ୍ଣ ବ୍ୟାକରଣ ତୁମମାନଙ୍କ ପାଇଁ ଏକ ଜାଣିବା ବିଷୟ । ଆମେ କହୁଥିବା ଭାଷା ଓ ଲେଖୁଥିବା ବାକ୍ୟ ଗୁଡ଼ିକରେ ଓଡ଼ିଆ ବର୍ଣ୍ଣର ଉଚ୍ଚାରଣ ସ୍ଥାନ, ଓଡ଼ିଆ ଲିପି ଓ ବନାନ କଥା ଅତି ଦରକାରୀ । ତୁମେମାନେ ଏହି ପାଠ ପଢ଼ି ସହଜରେ ବୁଝିପାରିବ । କୃଦନ୍ତ, ତଦ୍ଧିତ, ତତ୍ସମ, ତଦ୍ଭବ, ଦେଶଜ, ଆହୂତ ବା ବୈଦେଶିକ, ବିଶେଷ୍ୟ, ବିଶେଷଣ, ସର୍ବନାମ, ଲିଙ୍ଗ, ବଚନ, ପୁରୁଷ, କାରକ, ବିଭକ୍ତି, କାଳ, ଭାବ, ଅବ୍ୟୟ, ଉପସର୍ଗ, ସମାସ ଓ ସନ୍ଧି ଇତ୍ୟାଦି ବର୍ଣ୍ଣ ସମ୍ପର୍କିତ ବିଷୟ ଏଥିରୁ ଜାଣିପାରିବ । ଏସବୁ ପାଠର

ଉପାଦେୟତା ଓ ଆବଶ୍ୟକତା, ତୁମ ବ୍ୟବହାରରେ ଆସିବ । ଏହି ବିଷୟ ଓଡ଼ିଆ ବର୍ଣ୍ଣ ଓ ବ୍ୟାକରଣ ଉପରେ ତୁମମାନଙ୍କୁ ଏକ ସ୍ଥୁଳଧାରଣା ଦେବ, ଯାହା ଆଧାରରେ ତୁମେମାନେ ଭାଷାଜ୍ଞାନ ବଢ଼ାଇବା ସହ ଭାଷାର ବ୍ୟବହାର ସଫଳ ଭାବରେ କରିପାରିବ। ବିଭିନ୍ନ କ୍ଷେତ୍ରରେ ଆମ ଭାଷାର ସଠିକ୍ ବ୍ୟବହାର, ନିର୍ଭୁଲ ଲେଖାପଢ଼ା ଓ ସ୍ପଷ୍ଟ ଉଚ୍ଚାରଣରେ ଏ ବିଷୟ ତୁମର ସହାୟକ ହୋଇପାରିବ।

## ୧.୩ ଓଡ଼ିଆ ବର୍ଣ୍ଣ ସଂପର୍କରେ ସମ୍ୟକ ଧାରଣା :

## ୧.୩.୧ ଓଡ଼ିଆ ବର୍ଣ୍ଣ ପରିଚୟ

ତୁମେମାନେ ଜାଣିଥିବ, ଓଡ଼ିଆ ବର୍ଣ୍ଣ ସାଧାରଣତଃ ଦୁଇଭାଗରେ ବିଭକ୍ତ –

(କ) ସ୍ୱରବର୍ଣ୍ଣ

(ଖ) ବ୍ୟଞ୍ଜନବର୍ଣ୍ଣ

ସ୍ୱରବର୍ଣ୍ଣକୁ ଆମେ ଇଂରାଜୀରେ Vowelକହିଥାଉ ।ସେମିତି ବ୍ୟଞ୍ଜନ ବର୍ଣ୍ଣକୁ ଇଂରାଜୀରେ କୁହାଯାଏ Consonant ।

ଯେଉଁ ବର୍ଣ୍ଣ ଅନ୍ୟ ବର୍ଣ୍ଣର ସାହାଯ୍ୟ ନ ନେଇ ଉଚ୍ଚାରିତ ହୁଅନ୍ତି ସେମାନେ ସ୍ୱରବର୍ଣ୍ଣ ।

ଯେଉଁ ବର୍ଣ୍ଣ, ସ୍ୱରବର୍ଣ୍ଣର ସାହାଯ୍ୟ ନେଇ ଉଚ୍ଚାରିତ ହୁଅନ୍ତି ସେମାନେ ବ୍ୟଞ୍ଜନବର୍ଣ୍ଣ ।

ଓଡ଼ିଆରେ ଅ, ଆ, ଇ, ଈ, ଉ, ଊ, ଋ, ୠ,ଏ, ଐ, ଓ, ଔକୁ ସ୍ୱରବର୍ଣ୍ଣ କୁହାଯାଏ ।

ଅ, ଇ, ଉ, ଋ ଏହି ଚାରଟି ହ୍ରସ୍ୱ ସ୍ୱର ବର୍ଣ୍ଣ । ସେହି ପରି ଆ,ଈ,ଊ,ୠ ଏହି ଚାରଟି ଦୀର୍ଘ ସ୍ୱର ବର୍ଣ୍ଣ ।

ଅପରପକ୍ଷରେ ଏ,ଐ, ଓ, ଔକୁ ଆମେ ମିଶ୍ରିତ ଦୀର୍ଘସ୍ୱର ବର୍ଣ୍ଣ କହିଥାଉ ।

ଓଡ଼ିଆରେ ଆମେ କ,ଖ, ଗ, ଘ, ଙ, ଚ, ଛ, ଜ, ଝ, ଞ, ଟ, ଠ, ଡ଼, ମ, ଣ , ତ, ଥ, ଦ, ଧ, ନ, ପ, ଫ, ବ, ଭ, ମ, ଯ, ୟ, ର, ଳ, ଲ, ବ, ସ, ଶ, ଷ, ସ, ହ ଓ କ୍ଷକୁ ବ୍ୟଞ୍ଜନ ବର୍ଣ୍ଣ ଭାବେ ଜାଣୁ । ଓଡ଼ିଆ ଭାଷାରେ ସମୁଦାୟ ଅଣଚାଶ (୪୯) ଟି ବର୍ଣ୍ଣ ଅଛି । କ ଠାରୁ ମ ପର୍ଯ୍ୟନ୍ତ ପଚିଶ ବର୍ଣ୍ଣକୁ ବର୍ଗ୍ୟ ବର୍ଣ୍ଣ କହନ୍ତି। ତୁମେମାନେ ଜାଣିରଖ, ପ୍ରତି ବର୍ଗ ପାଞ୍ଚଟି ବର୍ଣ୍ଣର । ଯେମିତିକି –

କ ବର୍ଗ = କ, ଖ, ଗ, ଘ, ଙ

ଚ ବର୍ଗ = ଚ, ଛ, ଜ, ଝ, ଞ

ଟ ବର୍ଗ = ଟ, ଠ, ଡ଼, ଢ଼, ଣ

ତ ବର୍ଗ = ତ, ଥ, ଦ, ଧ, ନ

ପ ବର୍ଗ = ପ, ଫ, ବ, ଭ, ମ

ଙ, ଞ, ଣ, ନ, ମ କୁ ଅନୁନାସିକ ବର୍ଣ୍ଣ କୁହାଯାଏ ।ଓଡ଼ିଆ ବର୍ଣ୍ଣର ଉଚ୍ଚାରଣ ସାଧାରଣତଃ ଆଠ ପ୍ରକାରର –

କଣ୍ଠ – ଅ, ଆ, ହ

ମୂର୍ଦ୍ଧା – ଋ,ୠ, ଟ,ଠ,ଡ଼, ଢ଼, ଣ, ର, ଷ

ଜିହ୍ୱା – କ, ଖ, ଗ, ଘ, ଙ

ଦନ୍ତ – ତ, ଥ, ଦ, ଧ, ନ, ଲ, ସ, ଳ

ନାସିକା - ଙ,ଞ,ଣ, ନ, ମ

ତାଳୁ - ଇ, ଈ, ଚ, ଛ, ଝ, .ୟ, ଶ

କଣ୍ଠ ତାଲବ୍ୟ - ଏ ,ଐ

କଣ୍ଠୌଷ୍ଠ୍ୟ - ଓ, ଔ

## ୧.୩.୨ ବ୍ୟାକରଣ :

ଆମେ ବର୍ଣ୍ଣ ବିଷୟରେ ସାମାନ୍ୟ ଧାରଣା ପାଇଲେ ।ଏବେ ବ୍ୟାକରଣ କ'ଣ ଟିକେ ବୁଝିବା । ବ୍ୟାକରଣକୁ ନିୟାମକ ଶାସ୍ତ୍ର କୁହାଯାଏ । ଆଉଟିକେ ବୁଝାଇ କହିଲେ ଶବ୍ଦର ବ୍ୟୁତ୍ପତ୍ତି ଓ ଶୁଦ୍ଧ ପ୍ରୟୋଗ ଇତ୍ୟାଦି ବିଷୟକ ଶାସ୍ତ୍ରକୁ ବ୍ୟାକରଣ କୁହାଯାଏ ।ବ୍ୟାକରଣରୁ ଆମେମାନେ ଭାଷା ବ୍ୟବହାରର ନିୟମ ଓ ଶବ୍ଦ ଗଠନ ସୂତ୍ର ଜାଣିଥାଉ । ଶୁଦ୍ଧ ଭାଷାରେ କହିବା, ଲେଖିବା ଓ ପଢ଼ିବା ପାଇଁ ବ୍ୟାକରଣ ବହି ପଢ଼ିବା ନିତାନ୍ତ ଜରୁରୀ । ପ୍ରତ୍ୟେକ ଭାଷାକୁ ଶୃଙ୍ଖଳିତ ବା ଶୃଙ୍ଖଳାବଦ୍ଧ କରିଥାଏ ବ୍ୟାକରଣ ।ତେଣୁ ବ୍ୟାକରଣ ହେଉଛି ।ଶୁଦ୍ଧ ଭାଷା ପ୍ରୟୋଗରେ ବିଦ୍ୟା ବା ପାଠ ।ବ୍ୟାକରଣର ଶୃଙ୍ଖଳା ମଧ୍ୟରେ ଭାଷା ରହିଲେ ଭାଷାର ସୌନ୍ଦର୍ଯ୍ୟ ବୃଦ୍ଧି ହେବା ସହ ଏହା ଆକର୍ଷଣୀୟ ଓ ବର୍ଣ୍ଣାଢ୍ୟ ହୋଇପାରେ । ଅତଏବ, ପ୍ରତ୍ୟେକଟି ଭାଷା ପାଇଁ ବ୍ୟାକରଣ ଅମୂଲ୍ୟ ସଂପଦ ।

# ୧.୪ ବର୍ଣ୍ଣମାନଙ୍କର ବିଭାଗୀକରଣ

ଆମ ଓଡ଼ିଆ ଭାଷାରେ ବ୍ୟବହାର କରାଯାଉଥିବା ବର୍ଣ୍ଣମାନଙ୍କୁ ଦୁଇଭାଗରେ ବିଭକ୍ତ କରାଯାଇଥାଏ। ଯଥା: ସ୍ୱରବର୍ଣ୍ଣ ଓ ବ୍ୟଞ୍ଜନବର୍ଣ୍ଣ ।

ଉଚ୍ଚାରଣ ଅନୁସାରେ ସ୍ୱରବର୍ଣ୍ଣମାନଙ୍କୁ ଦୁଇଶ୍ରେଣୀରେ ବିଭକ୍ତ କରାଯାଏ । ହ୍ରସ୍ୱ ସ୍ୱର ଓ ଦୀର୍ଘସ୍ୱର ।

ଓଡ଼ିଆରେ ହ୍ରସ୍ୱ ସ୍ୱର - ଅ,ଇ,ଉ,ଋ

ଓଡ଼ିଆରେ ଦୀର୍ଘ ସ୍ୱର- ଆ, ଈ, ଊ, ଏ , ଐ ଓ ଔ ।

ବ୍ୟଞ୍ଜନ ବର୍ଣ୍ଣ ଗୁଡ଼ିକର ଉଚ୍ଚାରଣ ସମୟରେ ଜିହ୍ୱାର ଅଗ୍ର, ମଧ୍ୟ ବା ମୂଳର ସାହାଯ୍ୟ ନେଇ କଣ୍ଠ,ତାଳୁ,ମୂର୍ଦ୍ଧା, ଦନ୍ତ ଓ ଓଷ୍ଠକୁ ସ୍ପର୍ଶ କରିବାକୁ ପଡ଼ିଥାଏ । ଏହି କାରଣରୁ ଏଗୁଡ଼ିକୁ ସ୍ପର୍ଶ ବର୍ଣ୍ଣ ବୋଲି କୁହାଯାଏ । ଏହି ସ୍ପର୍ଶ ବର୍ଣ୍ଣଗୁଡ଼ିକ ପାଞ୍ଚଟି ବର୍ଗ ବା ଶ୍ରେଣୀରେ ବିଭକ୍ତ ହୋଇଥିବାରୁ ବର୍ଗ୍ୟବର୍ଣ୍ଣ ଭାବେ ମଧ୍ୟ ପରିଚିତ । ଏହାର ବିଭାଗୀ କରଣ -

କ ବର୍ଗ -କ୍ ଖ୍, ଗ୍, ଘ୍, ଙ୍ ( କଣ୍ଠ୍ୟ ବର୍ଣ୍ଣ)

ଚ ବର୍ଗ - ଚ୍, ଛ, ଜ୍, ଝ୍, ଞ୍ (ତାଲବ୍ୟ ବର୍ଣ୍ଣ)

ଟ ବର୍ଗ - ଟ୍, ଠ୍, ଡ୍, ଢ୍, ଣ୍ ( ମୂର୍ଦ୍ଧନ୍ୟ ବର୍ଣ୍ଣ )

ତ ବର୍ଗ - ତ୍, ଥ୍, ଦ୍, ଧ୍, ନ୍ (ଦନ୍ତ୍ୟ ବର୍ଣ୍ଣ)

ପ ବର୍ଗ - ପ୍, ଫ୍, ବ୍, ଭ୍, ମ୍ ( ଓଷ୍ଠ୍ୟ ବର୍ଣ୍ଣ)

# ଆତ୍ମ ପରୀକ୍ଷଣ ପ୍ରଶ୍ନାବଳୀ

୧)  ସ୍ୱରବର୍ଣ୍ଣ କହିଲେ କ'ଣ ବୁଝ ? ଉଦାହରଣ ସହ ଲେଖ।

-----------------------------------------------------------------

-----------------------------------------------------------------

-----------------------------------------------------------------

-----------------------------------------------------------------

୨)  ବ୍ୟଞ୍ଜନବର୍ଣ୍ଣ କାହାକୁ କୁହାଯାଏ ? ଉଦାହରଣ ସହ ବୁଝାଇ ଦିଅ ?

-----------------------------------------------------------------

-----------------------------------------------------------------

-----------------------------------------------------------------

-----------------------------------------------------------------




## ୧.୫ ବର୍ଣ୍ଣମାନଙ୍କର ଉଚ୍ଚାରଣ ସ୍ଥାନ

| ବର୍ଣ୍ଣ | ଉଚ୍ଚାରଣ ସ୍ଥାନ | ନାମ |
|---|---|---|
| (୧) ଅ,ଆ,କ,ଖ,ଗ,ଘ,ଙ,ହ, ଃ | କଣ୍ଠ | କଣ୍ଠ୍ୟବର୍ଣ୍ଣ |
| (୨) ଇ,ଈ,ଚ,ଛ,ଜ,ଝ,ଯ,ୟ,ଶ | ତାଲୁ | ତାଲବ୍ୟବର୍ଣ୍ଣ |
| (୩) ଋ,ଟ,ଠ,ଡ଼,ଢ଼,ଣ,ଷ | ମୂର୍ଦ୍ଧା | ମୂର୍ଦ୍ଧଣ୍ୟ ବର୍ଣ୍ଣ |
| (୪) ତ,ଥ,ଦ,ଧ,ନ,ସ | ଦନ୍ତ | ଦନ୍ତ୍ୟ ବର୍ଣ୍ଣ |
| (୫) ଉ,ଊ,ପ,ଫ,ବ,ଭ,ମ | ଓଷ୍ଠ | ଓଷ୍ଠ୍ୟ ବର୍ଣ୍ଣ |
| (୬) ଏ,ଐ | କଣ୍ଠ, ତାଲୁ | କଣ୍ଠ୍ୟ ତାଲବ୍ୟ ବର୍ଣ୍ଣ |
| (୭) ଓ,ଔ | କଣ୍ଠ, ଓଷ୍ଠ | କଣ୍ଠୌଷ୍ଠ୍ୟ ବର୍ଣ୍ଣ |
| (୮) ୱ (ଅନ୍ତଃସ୍ଥ 'ବ') | ଦନ୍ତ, ଓଷ୍ଠ | ଦନ୍ତୌଷ୍ଠ୍ୟ ବର୍ଣ୍ଣ |
| (୯) ଙ,ଞ,ଣ,ନ,ମ (ବର୍ଗର ପଞ୍ଚମବର୍ଣ୍ଣ) | କଣ୍ଠ, ତାଲୁ, ନାସିକା | ଅନୁନାସିକ ବର୍ଣ୍ଣ |

ଆମେ ଜିଭ, କଣ୍ଠ, ତାଳି, ଦାନ୍ତ, ଓଠ ପ୍ରଭୃତି ସାହାଯ୍ୟରେ ଆମର ଧ୍ୱନିଗୁଡ଼ିକୁ ଉଚ୍ଚାରଣ କରୁ । ସ୍ୱରଧ୍ୱନି ବ୍ୟବହାରବେଳେ ଜିଭ ଓ ଓଠର ସ୍ଥାନ ମୁଖ୍ୟ । ତୁମେମାନେ ନିଜେ ଜିଭର ପଛ, ଜିଭରମୂଳ, ଜିଭର ମଝି ଓ ଜିଭର ଅଗକୁ ଲକ୍ଷ୍ୟ କରି ଏସବୁ ଧ୍ୱନି ଉଚ୍ଚାରଣ କରି ଅଭ୍ୟାସ କର । ଯେମିତିକି ଦେଖ –

ଅ – ଜିଭର ପଛ ପାଖରେ 'ଅ' ଧ୍ୱନି ଉଠେ । ଏହା ଉଚ୍ଚାରଣ ବେଳେ ଜିଭ ପାଟିର ତଳ ଭାଗରେ ଥାଏ ।

ଇ – ଜିଭ ଅଗରେ ବା ଟିପରେ 'ଇ' ଧ୍ୱନି ଉଠେ । ଏହା ଉଚ୍ଚାରଣ ବେଳେ ଜିଭ ପାଟି ଭିତରେ ଉପର ଆଡ଼କୁ ରହେ ।

ଏ – ଜିଭ ଅଗରେ 'ଏ' ଧ୍ୱନି ରହେ । ଏ ଧ୍ୱନି ଉଚ୍ଚାରଣ ବେଳେ ଜିଭ ପାଟିର ମଝିଭାଗରେ ଥାଏ ।

କ୍ ଖ୍ ଗ୍ ଘ୍ ଙ୍ କଣ୍ଠ୍ୟଧ୍ୱନି

ଚ୍ ଛ୍ ଜ୍ ଝ୍ ଞ୍ ତାଲବ୍ୟଧ୍ୱନି

ଟ୍ ଠ୍ ଡ୍ ଢ୍ ଣ୍ ମୂର୍ଦ୍ଧନ୍ୟ ଧ୍ୱନି

ତ୍ ଥ୍ ଦ୍ ଧ୍ ନ୍ ଦନ୍ତ୍ୟ ଧ୍ୱନି

ପ୍ ଫ୍ ବ୍ ଭ୍ ମ୍ ଓଷ୍ଠ୍ୟ ଧ୍ୱନି

## ଆତ୍ମ ପରୀକ୍ଷଣ ପ୍ରଶ୍ନାବଳୀ

- ସ୍ୱରବର୍ଣ୍ଣ ମାନଙ୍କୁ କେତୋଟି ଶ୍ରେଣୀରେ ବିଭକ୍ତ କରାଯାଏ ?
- ଓଡ଼ିଆରେ ହ୍ରସ୍ୱ ସ୍ୱର କ'ଣ ?
- ଓଡ଼ିଆରେ ଦୀର୍ଘ ସ୍ୱର କାହାକୁ କୁହାଯାଏ ?

## ୧.୬ ଯୁକ୍ତ ବର୍ଣ୍ଣ ବା ଯୁକ୍ତାକ୍ଷର :

ମନେରଖ, ବ୍ୟଞ୍ଜନବର୍ଣ୍ଣ ସହିତ ବ୍ୟଞ୍ଜନ ବର୍ଣ୍ଣ ଯୋଗହେଲେ ତାହାକୁ ଯୁକ୍ତବର୍ଣ୍ଣ ବା ଯୁକ୍ତାକ୍ଷର କୁହାଯାଏ । ଏହାକୁ <u>ଯୁକ୍ତବ୍ୟଞ୍ଜନ</u> ମଧ କହନ୍ତି ।

ଅନୁନାସିକ ଯୁକ୍ତବର୍ଣ୍ଣ - ପ୍ରତ୍ୟେକ ବର୍ଗର ପଞ୍ଚମ ବର୍ଣ୍ଣ ସହିତ ସେହି ବର୍ଗର ଅନ୍ୟ ବର୍ଣ୍ଣମାନଙ୍କର ସଂଯୋଗରେ ଗଠିତ ଯୁକ୍ତବର୍ଣ୍ଣକୁ ଅନୁନାସିକ ଯୁକ୍ତବର୍ଣ୍ଣ ବା ଅନୁନାସିକ ଯୁକ୍ତାକ୍ଷର କହନ୍ତି । ଙ,ଞ,ଣ,ନ୍,ମ୍ ପ୍ରତ୍ୟେକ ବର୍ଗର ପଞ୍ଚମ ବର୍ଣ୍ଣ, ଏହା ତୁମେ ଜାଣିଛ । ଅନୁନାସିକ ଯୁକ୍ତବର୍ଣ୍ଣ କୋଡ଼ିଏଟି । ଯେମିତିକି -

ଙ୍+କ,ଖ,ଗ,ଘ, = ଙ୍କ, ଙ୍ଖ, ଙ୍ଗ, ଙ୍ଘ ('କ' ବର୍ଗ)

ଞ୍+ ଚ,ଛ,ଜ,ଝ = ଞ୍ଚ, ଞ୍ଛ, ଞ୍ଜ, ଞ୍ଝ ('ଚ' ବର୍ଗ)

ଣ୍+ଟ,ଠ,ଡ.ଢ଼ = ଣ୍ଟ, ଣ୍ଠ, ଣ୍ଡ, ଣ୍ଢ ('ଟ' ବର୍ଗ)

ନ୍+ତ,ଥ,ଦ,ଧ = ନ୍ତ, ନ୍ଥ, ନ୍ଦ, ନ୍ଧ ('ତ' ବର୍ଗ)

ମ୍+ ପ,ଫ,ବ,ଭ = ମ୍ପ, ମ୍ଫ, ମ୍ବ, ମ୍ଭ ('ପ' ବର୍ଗ)

ତେବେ ଏହି ସବୁ ଅନୁନାସିକ ଯୁକ୍ତବର୍ଣ୍ଣକୁ ଆଜିକାଲି ଅନୁସ୍ୱାର ସାହାଯ୍ୟରେ ମଧ ଲେଖାଯାଉଛି ।

ଯେମିତିକି -

ବଙ୍କା = ବଂକା, ସଞ୍ଚୟ =ସଂଚୟ କଣ୍ଠ = କଂଠ

ବ୍+ବ = ଦ୍ଧ (ତଦ୍ଧିତ)

ଲ୍+ପ = ଳ୍ପ (ଅଳ୍ପ)

ଶ୍+ଚ = ଶ୍ଚ (ପଶ୍ଚିମ)

ଷ୍+କ = ଷ୍କ (ଶୁଷ୍କ)

ଷ୍+ଟ = ଷ୍ଟ (ନଷ୍ଟ)

ଷ୍+ଠ = ଷ୍ଠ (ଓଷ୍ଠ)

ଷ୍+ପ = ଷ୍ପ (ବାଷ୍ପ)

ସ୍+ଖ= ସ୍ଖ (ସ୍ଖଳନ)

ସ୍+ତ = ସ୍ତ (ଶସ୍ତା)

ସ୍+ଥ = ସ୍ଥ (ସୁସ୍ଥ)

ସ୍+ପ = ସ୍ପ (ସ୍ପର୍ଶ)

ଦୁଇରୁ ଅଧିକ ବ୍ୟଞ୍ଜନ ବର୍ଣ୍ଣକୁ ନେଇ ମଧ୍ୟ ଯୁକ୍ତବର୍ଣ୍ଣ ହୁଏ -

କ୍+ଷ୍+ମ = କ୍ଷ୍ମ (ସୂକ୍ଷ୍ମ)

ଙ୍+କ୍+ତ = ଙ୍କ୍ତ (ପଙ୍‌କ୍ତି)

ତ୍+ସ୍+ନ = ତ୍ସ୍ନ (ଜ୍ୟୋତ୍ସ୍ନା)

ନ୍+ଦ୍+ର = ନ୍ଦ୍ର (ଚନ୍ଦ୍ର)

ନ୍+ଧ୍+ୟ = ନ୍ଧ୍ୟ (ସନ୍ଧ୍ୟା)

ମ୍+ପ+ର = ମ୍ପ୍ର (ସମ୍ପ୍ରତି)

ମ୍+ଭ+ର = ମ୍ଭ୍ର (ସମ୍ଭ୍ରାନ୍ତ)

ର୍+ଚ୍+ଚ = ର୍ଚ୍ଚ (ଚର୍ଚ୍ଚା)

ର୍+ଛ୍+ଛ = ର୍ଛ୍ଛ (ମୂର୍ଚ୍ଛା)

ର୍+ତ୍+ତ = ର୍ତ୍ତ (ଗର୍ତ୍ତ)

ର୍+ଦ୍+ଧ = ର୍ଦ୍ଧ (ଅର୍ଦ୍ଧ)

ର୍+ଦ୍+ର = ର୍ଦ୍ର (ଆର୍ଦ୍ର)

ର୍+ଶ୍+ୱ = ର୍ଶ୍ୱ (ପାର୍ଶ୍ୱ)

ଷ୍+ଟ୍+ର = ଷ୍ଟ୍ର (ରାଷ୍ଟ୍ର)

ସ୍+ଥ୍+ୟ =ସ୍ଥ୍ୟ (ସ୍ୱାସ୍ଥ୍ୟ)

ଯୁକ୍ତବର୍ଣ୍ଣମାନଙ୍କ ମଧ୍ୟରୁ କେତେକକୁ ପୂର୍ବ ବର୍ଣ୍ଣରେ ହଳନ୍ତ୍ ଚିହ୍ନ ଦେଇ ମଧ୍ୟ ଲେଖାଯାଇପାରେ ।

ଉଦାହରଣ -

ବାକ୍‌ସ, ବୀପ୍‌ସା, ଗଳ୍‌ପ, ଉଦ୍‌ଯୋଗ, ଖଡ଼୍‌ଗ

## ମନେରଖ

ଗୋଟିଏ ଶବ୍ଦର ଥିବା ବର୍ଣ୍ଣଗୁଡ଼ିକୁ ଅଲଗା କରି ଦେଖାଇବାର ନାମ ହେଉଛି ବନାନ । ବନାନରୁ ଶବ୍ଦ ଗଠନ ଧାରା ବା ପ୍ରକ୍ରିୟାଟି ବୁଝିହୁଏ । ବନାନ ଦେଖି ଶବ୍ଦଟି ଠିକ୍ କି ଭୁଲ୍ ତା'ମଧ୍ୟ ଜାଣିହୁଏ, ଧରାଯାଉ - 'ସୁରେଶ' ଏହି ଶବ୍ଦର ବନାନ ଏମିତି ସ୍+ର+ଉ = ସୁ, ର୍+ଏ= ରେ, ଶ୍+ଅ = ଶ । ଅତଏବ ଏଥିରେ ସାତଟି ବର୍ଣ୍ଣ ରହିଛି । ବନାନ, ପ୍ରତ୍ୟେକ ଭାଷାର ଅଭିନ୍ନ ଅଙ୍ଗ ।

ଆଉ କେତେକ ଯୁକ୍ତବର୍ଣ୍ଣ -

ଦୁଇ ବ୍ୟଞ୍ଜନ ବର୍ଣ୍ଣ ଯୋଗରେ ଗଠିତ -

କ୍+କ = କ୍କ (ପକ୍କା)

କ୍+ଟ = କ୍ଟ (ଟ୍ରାକ୍ଟର)

କ୍+ତ = କ୍ତ (ଶକ୍ତି)

କ୍+ଷ =କ୍ଷ (ପକ୍ଷୀ)

କ୍+ସ=କ୍ସ (ରିକ୍ସା)

ଚ୍+ଚ = ଚ୍ଚ (ଉଚ୍ଚ)

ଚ୍+ଛ = ଚ୍ଛ (ତୁଚ୍ଛ)

ଜ୍+ଜ = ଜ୍ଜ (ଲଜ୍ଜା)

ଜ୍+ଞ = ଜ୍ଞ (ଅଜ୍ଞ)

ଟ୍+ଟ = ଟ୍ଟ (ଅଟ୍ଟାଳିକା)

ତ୍+କ = ତ୍କ (ଉତ୍କଳ)

ତ୍+ତ = ତ୍ତ (ବିତ୍ତ)

ତ୍+ପ = ତ୍ପ (ଉତ୍ପନ୍ନ)

ଦ୍+ଧ = ଦ୍ଧ (ବିଦ୍ଧ)

ଦ୍+ୟ = ଦ୍ୟ (ଆଦ୍ୟ)

ପ୍+ତ = ପ୍ତ (ସପ୍ତ)

ବ୍+ଦ = ବ୍ଦ (ଶବ୍ଦ)

## ୧.୭ ଶବ୍ଦ ପ୍ରକରଣ :

ଆମେ ଯଦି ଦେଖିବା ଯେ ଶବ୍ଦ କ'ଣ ?ତେବେ ଜାଣିବା ଯେ ଏକ ବର୍ଣ୍ଣ ବା ଏକାଧିକ ବର୍ଣ୍ଣ ଏକାଠି ହୋଇ ବା ଯୋଡ଼ି ହୋଇ କୌଣସି ଅର୍ଥ ପ୍ରକାଶ କରୁଥିଲେ ତା'କୁ 'ଶବ୍ଦ' କୁହାଯାଏ । ଓଡ଼ିଆ ଶବ୍ଦ ଗଠନ ଦୃଷ୍ଟିରୁ ସାଧାରଣତଃ ଦୁଇ ଭାଗରେ ବିଭକ୍ତ । ଯଥା :

(କ) ମୌଳିକ

(ଖ) ବ୍ୟୁତ୍ପାଦିତ ବା ବ୍ୟୁତ୍ପନ୍ନ

(କ) ଯେଉଁ ଶବ୍ଦରୁ ତୁମେମାନେ ଗୋଟିଏ ବି ବର୍ଣ୍ଣ କାଟି ପାରିବ ନାହିଁ ବା ଅନ୍ୟ ଭାଷାରେ କହିଲେ ଯଦି ଗୋଟିଏ ବର୍ଣ୍ଣ କଟି ଗଲେ ଶବ୍ଦର ଅଙ୍ଗ ହାନି ହେବା ସହ ଅର୍ଥ ପ୍ରକାଶ କରି ହୁଏ ନାହିଁ ତା'କୁ ଆମେ ମୌଳିକ ଶବ୍ଦ କହିପାରିବା । ଯେମିତିକି - ଘର, ଗଛ, ଧୂଳି, କଳା, ଗେଡ଼ା, ବହି, ଖଟ, ମଠ ଇତ୍ୟାଦି ।

(ଖ)	ବ୍ୟୁତ୍ପାଦିତ ବା ବ୍ୟୁତ୍ପନ୍ନ ଶବ୍ଦ କହିଲେ ଆମେ ମୂଳ ଶବ୍ଦର ପୂର୍ବରୁ ବା ପରେ ଆଉ ଏକ ରୂପ ଯୋଡ଼ି ବହୁବଚନ ଆମ୍ଭେମାନେ ଲେଖୁଛୁ । ତୁମ୍ଭେମାନେ ଲେଖୁଛ । ସେମାନେ ଲେଖୁଛନ୍ତି ।

ଗୋଟିଏ କଥା ମନେରଖ, ଆମେ ଅବଜ୍ଞା ବା ଅନାଦର ଅର୍ଥରେ 'ତ' କୁ ଦ୍ୱିତୀୟ ପୁରୁଷ ଏକ ବଚନରେ ବ୍ୟବହାର କରିଥାଉ ।

ଯେମିତିକି -	ତୁ ଗୋଟାଏ ଅପଦାର୍ଥ ।

ତୁ ଏଠୁ ବାହାରି ଯା' ।

ତେବେ ଅଧିକ ଭଲପାଇବା, ଆଦର ବା ଭକ୍ତି କ୍ଷେତ୍ରରେ ବି 'ତୁ' ର ବ୍ୟବହାର ହୋଇଥାଏ । ଯେମିତିକି -

ତୁ ମୋର ସବୁକିଛି ।

ତୁ ନାଥ ପରମ ଦୟାଳୁ ।

ତୁ ମୋର ହୃଦୟର ମାଳି ।

ତୁ ବନ୍ଧୁ ସଖା ସହୋଦର ।

ପ୍ରଥମ ପୁରୁଷ ଓ ଦ୍ୱିତୀୟ ପୁରୁଷର ସର୍ବନାମ ପଦଗୁଡ଼ିକ ବ୍ୟତୀତ ଅନ୍ୟ ସମସ୍ତ ସର୍ବନାମ ପଦ ଓ ବିଶେଷ୍ୟ ପଦ ତୃତୀୟ ପୁରୁଷର ଅନ୍ତର୍ଗତ । ତେବେ ସମ୍ମାନ ଅର୍ଥରେ 'ତୁମେ' 'ତୁମ୍ଭେମାନେ' ବଦଳରେ 'ଆପଣ' ଶବ୍ଦର ବ୍ୟବହାର କରାଯାଏ । ଏହା ଦ୍ୱିତୀୟ ପୁରୁଷ । କିନ୍ତୁ ଏହାର କ୍ରିୟାପଦ ଦ୍ୱିତୀୟ ପୁରୁଷ ନ ହୋଇ ତୃତୀୟ ପୁରୁଷ ହୋଇଥାଏ । ଉଦାହରଣ - ଆପଣ ବସନ୍ତୁ । ଆପଣ ଖାଆନ୍ତୁ । ଆପଣ ଲେଖନ୍ତୁ । ଇତ୍ୟାଦି ନୂଆ ଶବ୍ଦ ଗଢ଼ିହେଲେ ତା'କୁ ବୁଝିଥାଉ । ଯେମିତିକି

ଘର + ଉଆ = ଘରୁଆ

ପାଣି + ଆ = ପାଣିଆ

ଓଡ଼ିଆ ଶବ୍ଦ ଗଠନର ଧାରା ଦେଖିଲେ ଆମେ ଦେଖିଥାଉ - ଲିଙ୍ଗ, ବଚନ, ବିଭକ୍ତି, ସନ୍ଧି, ସମାସ, କୃଦନ୍ତ, ତଦ୍ଧିତ, ଉପସର୍ଗ ଇତ୍ୟାଦି କେତେ କଥା । ଖାଲି ସେତିକି ନୁହେଁ, ଓଡ଼ିଆ ଭାଷାରେ ବ୍ୟବହାର ହେଉଥିବା ଶବ୍ଦ ସମୂହକୁ ମୁଖ୍ୟତଃ ଚାରିଭାଗରେ ବିଭକ୍ତ କରାଯାଇଥାଏ । ଯେମିତିକି ତତ୍‌ସମ ଶବ୍ଦ, ତଦ୍‌ଭବ ଶବ୍ଦ, ଦେଶଜ ଶବ୍ଦ ଓ ଆହୃତ ଶବ୍ଦ ବା ବୈଦେଶିକ ଶବ୍ଦ ।

**ତତ୍ ସମ ଶବ୍ଦ :**ଆମ ଭାଷାରେ ବ୍ୟବହାର କରୁଥିବା ଅବିକଳ ସଂସ୍କୃତ ଶବ୍ଦଗୁଡ଼ିକୁ ତତ୍‌ସମ ଶବ୍ଦ କୁହାଯାଏ । କେତେକ କ୍ଷେତ୍ରରେ ଏହି ଶବ୍ଦଗୁଡ଼ିକୁ ମାର୍ଜିତ ବା ସାଧୁଶବ୍ଦ ବୋଲି ମଧ କୁହାଯାଇଥାଏ । ଓଡ଼ିଆ ଭାଷାରେ ବହୁଳ ଭାବେ ବ୍ୟବହାର ହେଉଥିବା ତତ୍‌ସମ ଶବ୍ଦ ଗୁଡ଼ିକ ମଧରେ -ଅଭିନୟ, ଆକ୍ରୋଶ, ପକ୍ଷୀ, ପ୍ରଭାତ, ସୂର୍ଯ୍ୟ, ସୁଖ, ଦୁଃଖ, ନିଦ୍ରା, ନଦୀ, ପର୍ବତ, ଔଷଧ, ବର, ମନ୍ଦିର, ଗୃହ, ମେଘ, ଶୀତଳ, ମଧୁର, ପିତା, ମାତା, ବୃକ୍ଷ, ବର୍ଷ, ଗ୍ରହ, ପୃଥିବୀ, ସାଧୁ ଓ କବି ଇତ୍ୟାଦି ଅନେକ ଶବ୍ଦ ରହିଛି ।

**କୃଦନ୍ତ :**ତୁମେଜାଣ, ଓଡ଼ିଆରେ ନୂଆ ଶବ୍ଦ ଗଠନ ପାଇଁ ଧାତୁ ସହିତ ଯେଉଁ ପ୍ରତ୍ୟୟ ଯୁକ୍ତ ହୋଇଥାଏ ତାହାକୁ କୃତ୍ କୁହାଯାଏ । ଏହି କୃତ୍ ପ୍ରତ୍ୟୟ ଯୋଡ଼ି ହେବାଦ୍ୱାରା ଯେଉଁ ନୂଆ ଶବ୍ଦଟି ଗଢ଼ି ଉଠେ, ତାହାକୁ ଆମେ କୃଦନ୍ତ ଶବ୍ଦ ବା କୃଦନ୍ତ ପଦ କୁହାଯାଏ । ଜାଣିରଖ, କୃତ୍+ଅନ୍ତ = କୃଦନ୍ତ । ଯାହା ଅନ୍ତ ବା ଶେଷରେ କୃତ୍ ପ୍ରତ୍ୟୟ ହୋଇଥାଏ ତାହା ହିଁ କୃଦନ୍ତ । ତୁମେମାନେ ମନେରଖ, ସଂସ୍କୃତ କୃତ୍ ପ୍ରତ୍ୟୟ ଭାବେ ଅ, ଅନ, ଅକ, ତବ୍ୟ, ଅନୀୟ, ଇତ୍ର, ତ୍ର, ତୃ, ତି, ତ, ଇନ୍, ଯ, ଇଷ୍ଣୁ, ଉକ, ଉର, ର, ଉ ଇତ୍ୟାଦିର ବ୍ୟବହାର ହେଉଥିବାବେଳେ ଓଡ଼ିଆ କୃତ୍ ପ୍ରତ୍ୟୟ ଭାବେ ଆମେ ଅ, ଆ, ଇ, ଅଣ, ଅଣା, ଆଣି, ଏଣି, ଉଣି, ଅନ୍ତା, ଇବା, ଅତି, ଉଆଳ, ଉଆ, ରା, ଉଣା ଇତ୍ୟାଦିକୁ ବ୍ୟବହାର କରିଥାଉ । ଏହିସବୁ ପ୍ରତ୍ୟୟ ଯୋଗ ହୋଇ ସୃଷ୍ଟି ହେଉଥିବା ଶବ୍ଦ ଗୁଡ଼ିକୁ ଆମେ ତତ୍ସମ କୃଦନ୍ତ ଶବ୍ଦ, ତଦ୍ଭବ କୃଦନ୍ତ ଶବ୍ଦ ଓ ଦେଶଜ

କୃଦନ୍ତ ଶବ୍ଦ ଏହିପରି ତିନୋଟି ଭାଗରେ ବିଭକ୍ତ କରିପାରିବା । ଏବେ ଆମେ ଦେଖିବା ଉଦାହରଣ, ଏହି ଉଦାହରଣରୁ କେଉଁ ଶବ୍ଦ କୋଉଶ୍ରେଣୀ ଅନ୍ତର୍ଗତ ତାହା ବୁଝାପଡ଼ିବ ।

| **ସଂସ୍କୃତ କୃତ ପ୍ରତ୍ୟୟ ନିଷ୍ପନ୍ନ** | **ତତ୍ସମ କୃଦନ୍ତ ଶବ୍ଦ** | |
|---|---|---|
| ସୃପ୍+ଅ = ସର୍ପ | ନୃତ୍+ ଅକ = ନର୍ତ୍ତକ | |
| ତ୍ୟଜ୍+ଅ = ତ୍ୟାଗ | ପଚ୍+ଅକ = ପାଚକ | |
| ଶ୍ରୁ+ଅନ = ଶ୍ରବଣ | ଭିକ୍ଷ୍+ଉକ= ଭିକ୍ଷୁକ | |
| ପଠ୍+ଅନ= ପଠନ | ନିନ୍ଦ୍ + ଉକ = ନିନ୍ଦୁକ | |
| ସହ+ଇଷ୍ଣୁ = ସହିଷ୍ଣୁ | ଭୂ+ଇନ୍ = ଭାବୀ | |
| ବୃଧ+ଇଷ୍ଣୁ = ବର୍ଦ୍ଧିଷ୍ଣୁ | ସ୍ଥା+ଇନ୍ = ସ୍ଥାୟୀ | |
| କୃ+ତ = କୃତ | ଉଜ୍+ତି = ଉକ୍ତି | |
| ପଚ୍+ତ= ପକ୍ୱ | ଦୃଶ୍+ତି = ଦୃଷ୍ଟି | |
| ଗମ୍ +ତବ୍ୟ = ଗନ୍ତବ୍ୟ | ପୂଜ୍+ଅନୀୟ = ପୂଜନୀୟ | |
| ଦୃଶ୍ + ତବ୍ୟ =ଦ୍ରଷ୍ଟବ୍ୟ | ପା+ଅନୀୟ = ପାନୀୟ | |
| ଚର୍ + ଇତ୍ର = ଚରିତ୍ର | ବସ୍ +ତ୍ର = ବସ୍ତ୍ର | |
| ବହ୍+ଇତ୍ର = ବହିତ୍ର | ସ୍ତୁ+ତ୍ର = ସ୍ତୋତ୍ର | |
| ପଠ୍+ଯ = ପାଠ୍ୟ | କୃ+ତୃ = କର୍ତ୍ତା | |
| ଗମ୍+ଯ = ଗମ୍ୟ | ମା +ତୃ = ମାତା | ଇତ୍ୟାଦି । |

| **ଓଡ଼ିଆ କୃତ୍ ପ୍ରତ୍ୟୟ ନିଷ୍ପନ୍ନ** | **ତଦ୍ଭବ ଓ ଦେଶଜ କୃଦନ୍ତ ଶବ୍ଦ** | |
|---|---|---|
| ଡ଼ାକ୍+ଅ = ଡ଼ାକ | ଚାହଁ + ଆଣି = ଚାହାଁଣି | |
| କାନ୍ଦ୍+ଅ = କାନ୍ଦ | ଶୁଣ୍ + ଆଣି = ଶୁଣାଣି | |
| ଝୁଲ୍ +ଅଣ = ଝୁଲଣ | ଚଢ଼୍+ଆଉ = ଚଢ଼ାଉ | |
| ଗଢ଼୍+ଅଣ = ଗଢ଼ଣ | ଘେର୍ +ଆଉ = ଘେରାଉ | |
| ବିଞ୍ଚ୍+ଅଣା = ବିଞ୍ଚଣା | ବିକ୍+ଆଳି = ବିକାଳି | |
| ପିଟ୍ +ଅଣା = ପିଟଣା | ଖେଳ୍ +ଆଳି = ଖେଳାଳି | |
| ରହ୍+ଅଣି = ରହଣି | ମେଳ୍ +ଇ= ମେଳି | |
| ଖଟ୍ +ଅଣି = ଖଟଣି | ଦୋଳ୍ +ଇ = ଦୋଳି | |
| ଜଳ୍ +ଅନ୍ତା = ଜଳନ୍ତା | ପଢ଼୍+ ଉଆ = ପଢୁଆ | |
| ଜୀ+ଅନ୍ତା = ଜୀଅନ୍ତା | ଡ଼ର୍ +ଉଆ = ଡ଼ରୁଆ | |
| କହ୍ + ଅନ୍ତି = କହନ୍ତି | ଜଗ୍ +ଉଆଳ = ଜଗୁଆଳ | |
| ଫଳ୍ +ଅନ୍ତି = ଫଳନ୍ତି | ରଖ୍ + ଉଆଳ = ରଖୁଆଳ | |
| ବୁଣ୍ + ଆ = ବୁଣା | ମାଗ୍ +ଉଣି = ମାଗୁଣି | |
| ଛାଣ୍ + ଆ = ଛଣା | ଢ଼ାଙ୍କ + ଉଣି = ଢ଼ାଙ୍କୁଣି | |
| ଉଠ୍ + ଆଣ = ଉଠାଣ | କାଟ୍ + ଏଣି = କାଟେଣି | |
| ଫେଡ଼୍+ଆଣ = ଫେଡ଼ାଣ | ଜାଳ୍ + ଏଣି = ଜାଳେଣି | ଇତ୍ୟାଦି । |

ଆମେ ଜାଣୁ, ଆମ ଓଡ଼ିଆ ଭାଷା ତତ୍‌ସମ, ତଦ୍‌ଭବ, ଦେଶଜ ଓ ଆହୃତ ବା ବୈଦେଶିକ ଶବ୍ଦ ଗୁଡ଼ିକୁ ନେଇ ସୌନ୍ଦର୍ଯ୍ୟମୟ, ଏହି ଶବ୍ଦ ସବୁ ବ୍ୟବହାର ବେଳେ କେତେକ ସାଧାରଣ ଅଶୁଦ୍ଧ ପରିଲକ୍ଷିତ ହୋଇଥାଏ । ଏହି ଅଶୁଦ୍ଧି ସବୁ ବଚନଗତ, ଲିଙ୍ଗଗତ, ବିଶେଷ୍ୟ ଓ ବିଶେଷଣ ଗତ, ସନ୍ଧିଗତ, ସମାସଗତ, କୃଦନ୍ତଗତ, ତଦ୍ଧିତ ଗତ ଓ ବନାନଗତ ହୋଇପାରେ । ଆମେ ଏଠି କୃଦନ୍ତ କଥା ଆଲୋଚନା କରୁଥିଲେ । ଏବେ ଦେଖିବା ସେହି କୃଦନ୍ତଗତ କେତେକ ସାଧାରଣ ଅଶୁଦ୍ଧିର ଉଦାହରଣ –

କୃଦନ୍ତ ଅଶୁଦ୍ଧି –

| **ଅଶୁଦ୍ଧ** | **ଶୁଦ୍ଧ** | |
|---|---|---|
| ଅନୁଗୃହ | ଅନୁଗ୍ରହ | |
| ଉତ୍ୟକ୍ତ | ଉଦ୍ୟକ୍ତ | |
| ଗୃହିତ | ଗୃହୀତ | |
| ସୃଜନ | ସର୍ଜନ | ଇତ୍ୟାଦି । |

କୃଦନ୍ତ ପଦ, ଆମ ଭାଷା ଓ ବ୍ୟାକରଣର ଗୋଟିଏ ବଡ଼ ଅଧ୍ୟାୟ । ଏହା ତୁମମାନଙ୍କ କାମରେ ଆସିବା ଭଳି ବିଷୟ । ଖାଲି ପରୀକ୍ଷା ପାଇଁ ନୁହେଁ, ଏହା ତୁମକୁ ସବୁଦିନର ଭାଷା ବ୍ୟବହାରରେ ସାହାଯ୍ୟ କରେ ।

## ତଦ୍ଧିତ ପଦ :-

ତୁମେମାନେ ଜାଣିରଖ, ଭିନ୍ନ ଭିନ୍ନ ଅର୍ଥରେ ଶବ୍ଦ ସହିତ ଯେଉଁ ସବୁ ପ୍ରତ୍ୟୟ ଯୋଗ କରାଯାଇ ନୂଆ ଶବ୍ଦ ଗଢ଼ାଯାଏ, ସେହି ପ୍ରତ୍ୟୟ ଗୁଡ଼ିକୁ ତଦ୍ଧିତ ପ୍ରତ୍ୟୟ କୁହାଯାଇଥାଏ । ତଦ୍ଧିତ (ତତ୍+ହିତ) ପ୍ରତ୍ୟୟ ଯୋଗରେ ଗଢ଼ାଯାଇଥିବା ଶବ୍ଦକୁ ତଦ୍ଧିତାନ୍ତ ଶବ୍ଦ ବୋଲି କୁହାଯାଏ । ଗୋଟିଏ ଶବ୍ଦ ସହିତ ପ୍ରତ୍ୟୟକୁ ଯୋଡ଼ି ଆଉ ଗୋଟିଏ ଶବ୍ଦ ଗଢ଼ା ହେବାଦ୍ୱାରା ମୂଳ ଶବ୍ଦର ବ୍ୟବହାରିକ ଦିଗରେ ହିତ ହୋଇଥାଏ । ଏହା ହିଁ ତଦ୍ଧିତ ପ୍ରତ୍ୟୟର ମୂଳ ଲକ୍ଷ୍ୟ । ଆମ ଓଡ଼ିଆ ଭାଷାରେ ବ୍ୟବହାର ହେଉଥିବା ତଦ୍ଧିତ ପ୍ରତ୍ୟୟ ଗୁଡ଼ିକୁ ଆମେ ସାଧାରଣତଃ ତିନି ଭାଗରେ ବିଭକ୍ତ କରିଥାଉ । ଯେମିତିକି –

(କ) ତତ୍‌ସମ (ସଂସ୍କୃତ)
(ଖ) ତଦ୍‌ଭବ (ଓଡ଼ିଆ) , ଓ
(ଗ) ଆହୃତ ବା ବୈଦେଶିକ

(କ) ତୁମେମାନେ ଏବେ ତତ୍‌ସମ ତଦ୍ଧିତ ପ୍ରତ୍ୟୟର ଉଦାହରଣ ଲକ୍ଷ୍ୟ କର –

| | | |
|---|---|---|
| ବସୁଦେବ + ଅ | = | ବାସୁଦେବ |
| ଭୃଗୁ + ଅ | = | ଭାର୍ଗବ |
| ଦେବ + ଅ | = | ଦୈବ |
| ନିଶା + ଅ | = | ନୈଶ |
| ମୃଗଶିରା + ଅ | = | ମାର୍ଗଶିର |
| ପୁରାଣ + ଇକ | = | ପୌରାଣିକ |
| ମୂଳ + ଇକ | = | ମୌଳିକ |
| ଧର୍ମ + ଇକ | = | ଧାର୍ମିକ |
| ଦଶରଥ + ଇ | = | ଦାଶରଥି |
| ପବନ + ଇ | = | ପାବନି |
| ସୁମିତ୍ରା + ଇ | = | ସୌମିତ୍ରି |

| | | | |
|---|---|---|---|
| ବଙ୍ଗ + ଈୟ | = | ବଙ୍ଗୀୟ | |
| ଭାରତ + ଈୟ | = | ଭାରତୀୟ | |
| ଉତ୍କଳ + ଈୟ | = | ଉତ୍କଳୀୟ | |
| ଗଙ୍ଗା + ଏୟ | = | ଗାଙ୍ଗେୟ | |
| କୃତ୍ତିକା + ଏୟ | = | କାର୍ତ୍ତିକେୟ | |
| କୁନ୍ତୀ + ଏୟ | = | କୌନ୍ତେୟ | |
| ବିଶ୍ୱଜନ + ଈନ | = | ବିଶ୍ୱଜନୀନ | |
| ସର୍ବଜନ + ଈନ | = | ସାର୍ବଜନୀନ | |
| ସର୍ବାଙ୍ଗ + ଈନ | = | ସର୍ବାଙ୍ଗୀନ | |
| ପୁଷ୍ପ + ଇତ | = | ପୁଷ୍ପିତ | |
| କଣ୍ଟକ + ଇତ | = | କଣ୍ଟକିତ | |
| ତାରକା + ଇତ | = | ତାରକିତ | |
| ତପସ୍ + ବିନ୍ | = | ତପସ୍ୱୀ | |
| ଯଶସ୍ + ବିନ୍ | = | ଯଶସ୍ୱୀ | |
| ମେଧା + ବିନ୍ | = | ମେଧାବୀ | |
| ଗ୍ରାମ + ଯ | = | ଗ୍ରାମ୍ୟ | |
| ବହିଃ + ଯ | = | ବାହ୍ୟ | |
| ପ୍ରାଚ୍ + ଯ | = | ପ୍ରାଚ୍ୟ | ଇତ୍ୟାଦି.. |

## ଓଡ଼ିଆ ତଦ୍ଧିତ ପ୍ରତ୍ୟୟ

| | | |
|---|---|---|
| ଦାଢ଼ି + ଆ | = | ଦାଢ଼ିଆ |
| ପେଟ + ଆ | = | ପେଟା |
| ଯଦୁ + ଆ | = | ଯଦୁଆ |
| ଗେରୁ + ଆ | = | ଗେରୁଆ |
| ସରୁ + ଆ | = | ସରୁଆ |
| ଗାଈ + ଆଳ | = | ଗାଈଆଳ |
| ଗଣ୍ଡି + ଆଳ | = | ଗଣ୍ଡିଆଳ |
| ଖେଳ + ଆଳି | = | ଖେଳାଳି |
| ଚିରା + ଆଳି | = | ଚିରାଳି |
| ଚଇତ + ଆଳି | = | ଚଇତାଳି |
| କାଠ + ଇ | = | କାଠି |
| ଘଣ୍ଟ + ଇ | = | ଘଣ୍ଟି |
| ଚାକର + ଇ | = | ଚାକିରି |
| ଗହଳ + ଇ | = | ଗହଳି |
| ଚଇତ + ଇ | = | ଚଇତି |
| ମୂଳ + ଇଆ | = | ମୂଳିଆ |
| ଗୁଡ଼ + ଇଆ | = | ଗୁଡ଼ିଆ |

| | | |
|---|---|---|
| ଚାଉଳ + ଇଆ | = | ଚାଉଳିଆ |
| ମୁନ + ଇଆ | = | ମୁନିଆ |
| ଲୁଣ + ଇଆ | = | ଲୁଣିଆ |
| ନିଶ + ଉଆ | = | ନିଶୁଆ |
| ପାଠ + ଉଆ | = | ପାଠୁଆ |
| ମାଡ଼ + ଉଆ | = | ମାଡୁଆ |
| ସାପ + ଉଆ | = | ସାପୁଆ |
| ଗାତ + ଉଆ | = | ଗାତୁଆ |
| ଦାନ୍ତ + ଉରା | = | ଦାନ୍ତୁରା |
| ମୂତ + ଉରା | = | ମୁତୁରା |
| କାନ୍ଦ + ଉରା | = | କାନ୍ଦୁରା |
| ଦୁଷ୍ଟ + ଆମି | = | ଦୁଷ୍ଟାମି |
| ମୂର୍ଖ + ଆମି | = | ମୂର୍ଖାମି |
| ଠକ + ଆମି | = | ଠକାମି |
| ଛାପା + ଖାନା | = | ଛାପାଖାନା |
| ଡାକ୍ତର + ଖାନା | = | ଡାକ୍ତରଖାନା |
| ବୈଠକ + ଖାନା | = | ବୈଠକଖାନା |
| ଘର + ବାଲା | = | ଘରବାଲା |
| ବାଜା + ବାଲା | = | ବାଜାବାଲା |
| ପାଲା + ବାଲା | = | ପାଲାବାଲା ଇତ୍ୟାଦି । |

**ତଦ୍‌ଭବ ଶବ୍ଦ –** ତଦ୍‌ଭବର ଅର୍ଥ ସଂସ୍କୃତରୁ ଜାତ । ତେବେ ଏହା ବାରମ୍ବାର ବ୍ୟବହାର ଫଳରେ ସମୟକ୍ରମେ ପରିବର୍ତ୍ତିତ ହୋଇ ଓଡ଼ିଆରେ ବ୍ୟବହୃତ ହେଉଛି । ଏହାକୁ ମଧ୍ୟ ଅପଭ୍ରଂଶ ଶବ୍ଦ କୁହାଯାଏ । ଯେମିତିକି : ଆଠ, କାଠ, କଇଁଛ, କଙ୍କଡ଼ା, କେଉଟ, କଅଁଳ, ଜୋଇଁ, ଘିଅ, ମାଟି, ଦହି, ନଅ, ବାଆଁ, ଆଇଁଷ, ନଈ, ଜର ଇତ୍ୟାଦି । ଏହି ଶବ୍ଦ ଗୁଡ଼ିକ ଯଥାକ୍ରମେ ଅଷ୍ଟ, କାଷ୍ଠ, କଚ୍ଛପ, କର୍କଟ, କୈବର୍ତ୍ତ, କୋମଳ, ଜାମାତା, ଘୃତ, ମୃତ୍ତିକା, ଦଧି, ନବ, ବାମ, ଆମିଷ, ନଦୀ ଓ ଜ୍ୱର ଶବ୍ଦର ତଦ୍‌ଭବ ରୂପ ।

**ଦେଶଜ ଶବ୍ଦ –** ଦେଶଜ ଶବ୍ଦ ଗୁଡ଼ିକ ଆମ ନିଜର ଶବ୍ଦ ସମୂହ । ଏସବୁ ସଂସ୍କୃତ ଶବ୍ଦରୁ ଆସିନାହିଁ । ସଂସ୍କୃତ ଶବ୍ଦର ଅପଭ୍ରଂଶ ନୁହେଁ । ଏହା ତେଣୁ ଦେଶଜ । ଆମ ନିଜସ୍ୱ ଶବ୍ଦ । ଯେମିତିକି-ଅଖାଡୁଆ, ଅଗାଡ଼ି, ଖଡ୍ଡୁ, କୁଟା, ଅଳିଆ, ଅରୁଆ, ଖଙ୍କାର, ଗାଲୁଆ, ଛପର, ଛୁଆ, ଚିମୁଟା, ଗୋଟମା, ଜାଉ, ଥକା, ପାଇଟି, ହେଁସ, ଠାକରା, ଝାମେଲା, ଠିକା, ଡଉଲ, ନେତ, ପଡ଼ା, ଦରୋଟି, ଦାଉ, ଧଡ଼ି ଇତ୍ୟାଦି ।

**ଆହୃତ ଶବ୍ଦ –** ଅନ୍ୟ ବୈଦେଶିକ ଭାଷାରୁ ଆସିଥିବା ବା ଆହରଣ କରାଯାଇଥିବା ଶବ୍ଦଗୁଡ଼ିକୁ ଆମେ ଆହୃତ ଶବ୍ଦ ବା ବୈଦେଶିକ ଶବ୍ଦ କହିପାରିବା । ବିଦେଶୀଶାସନ, ବୈଦେଶିକ ବାଣିଜ୍ୟ ଓ ଧର୍ମ ପ୍ରଚାର ମାଧ୍ୟମରେ ଏସବୁ ଶବ୍ଦ ଆମ ଭାଷାରେ ପ୍ରବେଶ କରିଛି । ଏତଦ୍‌ବ୍ୟତୀତ, ବିଜ୍ଞାନ ଓ ବୈଷୟିକ ଜ୍ଞାନର ଦ୍ରୁତ ଅଗ୍ରଗତି ପାଇଁ ବହୁ ନୂଆ ବିଦେଶୀ ଶବ୍ଦ ଆମ ଭାଷାରେ ପ୍ରବେଶ କରିଛି । ଆମେ ଆମ ଭାଷାରେ ଅପରେସନ୍, ଇଞ୍ଜିନ୍, କପ୍, ପ୍ଲେଟ୍, ଚେୟାର୍, ଟେବୁଲ, ଇନ୍‌ସପେକ୍ଟର, ଡ୍ରେସ୍, ଡିଗ୍ରୀ, ଡ୍ରାମା, ସ୍କୁଲ୍, ହଷ୍ଟେଲ, ସାର୍ଟ, ପ୍ୟାଣ୍ଟ୍, ପାର୍କ, ମେଡ଼ିକାଲ, ସାଇକେଲ, ରବର, ମିଟର, ନୋଟିସ୍, ଫାଇଲ୍, ନମ୍ବର, ଟିକେଟ୍, ପାଇପ୍ ଓ ବ୍ୟାଗ୍ ଭଳି ବହୁ ଇଂରାଜୀ ଶବ୍ଦ ସହ ଆଚାର, ଆଲମାରି, କିରାଣି, ବାଲ୍‌ଟି,

ବେହେଲା, ବାସନ, ବୋତଲ, ବୋମା, ମିସ୍ତି ଓ ଚାବି ଭଳି ପର୍ତ୍ତୁଗୀଜ୍ ଶବ୍ଦ, ଅଙ୍ଗୁର, ଖାତା, ଅନ୍ଦାଜ, ବଗିଚା, ଦରଖାସ୍ତ, ଦରଜି, ନମୁନା, କିସ୍ତି, କରଜ, କୁରୁତା, ମୁର୍ଦ୍ଦାର, ମସିହା, ଚପରାସୀ, ଚଷମା, କମିଜ, ବରଫ, ମାର୍ଫତ୍, ତରକାରି, ତାରିଖ ଓ କବଲା ଭଳି ପାର୍ସୀ ଶବ୍ଦ ଏବଂ ଅର୍ଜି, ଅମଲ, ଅଚାନକ, ଆଇନା, ଇସାରା, ଇସ୍ତଫା, ଓରଫ, ଓଜନ, ଖାରଜ, ଜମି, ଜାମିନ, ଜରିମାନା, ଦୁନିଆ, ମୁସ୍‌କିଲ, ମସଲା, ବହି, ମୁଦି, ମୌଜା, ମାମଲା, ଦୋକାନ ଇତ୍ୟାଦି ବହୁ ଆରବୀ ଶବ୍ଦର ବ୍ୟବହାର କରୁଛୁ । ସେହିପରି ପ୍ରୋଟିନ୍, ଭିଟାମିନ୍, ସାଲାଇନ୍, ମାଉସ୍, ଲ୍ୟାପ୍‌ଟପ୍, କଂପ୍ୟୁଟର, ସ୍କ୍ରିନ୍, ହ୍ୟାଣ୍ଡ୍‌ସେଟ୍, ହାର୍ଡକପି, ସଫ୍ଟକପି, ଭାଇରସ୍, ଇଣ୍ଟରନେଟ୍, ସର୍ଜରି, ଏକ୍‌ସରେ, ମୋବାଇଲ୍ ଆଦି ବହୁ ନୂଆ ନୂଆ ଆହୃତ ଶବ୍ଦ ଏବେ ଆମ ଭାଷାର ଅଙ୍ଗୀଭୂତ, ନିଜ ଶବ୍ଦ ହୋଇଗଲାଣି ।

## ତୁମେମାନେ ଜାଣିରଖ

- ଏକ ବା ଏକାଧିକ ବର୍ଣ୍ଣ ମିଳିତ ହୋଇ କୌଣସି ଅର୍ଥ ପ୍ରକାଶ କରୁଥିଲେ ତାହାକୁ 'ଶବ୍ଦ' କୁହାଯାଏ।
- ଶବ୍ଦର ବିଭାଗୀକରଣ କହିଲେ ତତ୍‌ସମ, ତଦ୍‌ଭବ, ଦେଶଜ ଓ ଆହୃତ ବା ବୈଦେଶିକ ଶବ୍ଦାବଳୀକୁ ବୁଝାଇଥାଏ ।
- ସଂସ୍କୃତ ଭାଷାର କେତେକ ଶବ୍ଦ ଅବିକଳଭାବେ ଓଡ଼ିଆ ଭାଷାରେ ବ୍ୟବହାର ହୋଇଆସୁଛି, ଏହିସବୁ ଶବ୍ଦକୁ ତତ୍‌ସମ ଶବ୍ଦ କୁହାଯାଏ ।
- ଆମେ ଓଡ଼ିଆରେ ବ୍ୟବହାର କରୁଥିବା କେତେକ ଶବ୍ଦ ସଂସ୍କୃତ ଶବ୍ଦଗୁଡ଼ିକରୁ ଉଦ୍ଭବ ବା ଜାତ ହୋଇଛନ୍ତି । ଏହି ସବୁ ଶବ୍ଦକୁ ତତ୍‌ଭବ ଶବ୍ଦ କୁହାଯାଇଥାଏ ।
- ଯେଉଁ ସବୁ ଶବ୍ଦ ସଂସ୍କୃତରେ ଅବିକଳ ନୁହେଁ କି ଜାତ ହୋଇନି, ସେସବୁ ଆମର ନିଜସ୍ୱ ଶବ୍ଦ ଯାହାକୁ ଦେଶଜ ଶବ୍ଦ କହନ୍ତି ।
- ବିଦେଶରୁ ବା ଅନ୍ୟଭାଷାରୁ ଆସି ଆମ ବ୍ୟବହାରରେ ଆସୁଥିବା, ଆମର ହୋଇଯାଇଥିବା ଶବ୍ଦଗୁଡ଼ିକୁ ଆହୃତ ବା ବୈଦେଶିକ ଶବ୍ଦ କୁହାଯାଏ ।
- ଯେଉଁ ଶବ୍ଦରୁ କୌଣସି ବର୍ଣ୍ଣ କାଟି ହୁଏ ନାହିଁ ତାହା ମୌଳିକ ଶବ୍ଦ ।
- ମୂଳଶବ୍ଦର ପୂର୍ବରୁ ବା ପରେ ଆଉ ଏକ ରୂପ ଯୋଡ଼ିକରି ନୂଆଶବ୍ଦ ଗଢ଼ାହେଲେ ତାହାକୁ ବ୍ୟୁତ୍ପନ୍ନ ଶବ୍ଦ କୁହାଯାଏ।
- ମୁଖ୍ୟତଃ ଯୋଗ ବିଯୋଗ ପ୍ରକ୍ରିୟାରେ ଶବ୍ଦର ରୂପରେ ପରିବର୍ତ୍ତନ ହୋଇ ନୂଆ ନୂଆ ଶବ୍ଦ ସୃଷ୍ଟି ହୋଇଥାନ୍ତି । ଏହି ଗଠନରୀତିର ଧାରାରେ ଲିଙ୍ଗ, ବଚନ, ବିଭକ୍ତି, ସମାସ, ସନ୍ଧି, କୃଦନ୍ତ, ତଦ୍ଧିତ, ଅବ୍ୟୟ, ଉପସର୍ଗ ଇତ୍ୟାଦି ଅନ୍ତର୍ଭୁକ୍ତ ।
- ଆମ ଓଡ଼ିଆ ଭାଷାରେ ପ୍ରାଣୀବାଚକ ବିଶେଷ୍ୟ ଗୁଡ଼ିକରେ ପୁରୁଷ ଓ ସ୍ତ୍ରୀ ଭେଦରେ ଲିଙ୍ଗ ନିରୂପଣ କରାଯାଇଥାଏ । ପୁରୁଷ ବାଚକ ଶବ୍ଦ ପୁଲିଙ୍ଗ ଓ ସ୍ତ୍ରୀ ବାଚକ ଶବ୍ଦ ସ୍ତ୍ରୀଲିଙ୍ଗ ଭାବରେ ବ୍ୟବହାର କରାଯାଏ ।
- ମନେରଖ, ଯେଉଁଥିରୁ ବସ୍ତୁ ବା ବ୍ୟକ୍ତିର ସଂଖ୍ୟା ଜଣାପଡ଼େ ତାହାକୁ 'ବଚନ' କୁହାଯାଏ । ଯେଉଁ ପଦରୁ ବସ୍ତୁ ବା ବ୍ୟକ୍ତିର ସଂଖ୍ୟା ଏକ ବା ଗୋଟିଏ ବୋଲି ଜଣାପଡ଼େ,ତାହାକୁ ଏକବଚନ କହନ୍ତି। ଯେଉଁ ପଦରୁ ବସ୍ତୁ ବା ବ୍ୟକ୍ତିର ସଂଖ୍ୟା ଏକରୁ ଅଧିକ ବା ବହୁତ ବୋଲି ଜଣାପଡ଼େ, ତାହାକୁ ବହୁବଚନ କୁହାଯାଏ ।

## ଆତ୍ମ ପରୀକ୍ଷଣ ପ୍ରଶ୍ନାବଳୀ :

୧) ଓଡ଼ିଆ ବର୍ଣ୍ଣମାଳାକୁ କେତୋଟି ବର୍ଗରେ ବିଭକ୍ତ କରାଯାଇଛି ?ସେ ସବୁର ସ୍ୱରୂପ ବର୍ଣ୍ଣନା କର ।

-------------------------------------------------------------------------
-------------------------------------------------------------------------
-------------------------------------------------------------------------
-------------------------------------------------------------------------

୨) ଓଡ଼ିଆ ବର୍ଣ୍ଣ ମାନଙ୍କର କେଉଁସବୁ ଉଚ୍ଚାରଣ ସ୍ଥାନ ରହିଛି ?

-------------------------------------------------------------------------
-------------------------------------------------------------------------
-------------------------------------------------------------------------

୩) ଶବ୍ଦ କେତେ ପ୍ରକାରର ଓ କ'ଣ କ'ଣ ? ପ୍ରତ୍ୟେକ ପ୍ରକାରର ଶବ୍ଦର ପାଞ୍ଚଟି ଲେଖାଏଁ ଉଦାହରଣ
ଦିଅ ।

-------------------------------------------------------------------------
-------------------------------------------------------------------------
-------------------------------------------------------------------------
-------------------------------------------------------------------------
-------------------------------------------------------------------------
-------------------------------------------------------------------------
-------------------------------------------------------------------------
-------------------------------------------------------------------------

ଉତ୍ତର – ୧- ଓଡ଼ିଆ ବର୍ଣ୍ଣମାଳାକୁ ୫ଟି ବର୍ଗରେ ବିଭକ୍ତ କରାଯାଇଛି । ସେସବୁ ହେଲା –

| | |
|---|---|
| କ | 'କ' ବର୍ଗରେ କ ଖ ଗ ଘ ଙ |
| ଚ | 'ଚ' ବର୍ଗରେ ଚ ଛ ଜ ଝ ଞ |
| ଟ | 'ଟ' ବର୍ଗରେ ଟ ଠ ଡ ଢ ଣ |
| ତ | 'ତ' ବର୍ଗରେ ତ ଥ ଦ ଧ ନ |
| ପ | 'ପ' ବର୍ଗରେ ପ ଫ ବ ଭ ମ |

ଉତ୍ତର-୨- ଓଡ଼ିଆ ବର୍ଣ୍ଣମାନଙ୍କର ଉଚ୍ଚାରଣ ସ୍ଥାନ ଗୁଡ଼ିକ ହେଲା -

କଣ୍ଠ ମୂର୍ଦ୍ଧା, ଜିହ୍ୱା, ଦନ୍ତ, ନାସିକା, ତାଳୁ, କଣ୍ଠ ତାଲବ୍ୟ, କଣ୍ଠୌଷ୍ଠ୍ୟ।

ଉତ୍ତର-୩- ଶବ୍ଦ ୪ ପ୍ରକାରର ତତ୍ସମ, ତଦ୍ଭବ, ଦେଶଜ, ଆହୃତ, ବିଷୟ ମଧ୍ୟରୁ ଶବ୍ଦଗୁଡ଼ିକ ବାଛି ଲେଖ।

# ୨. ଦ୍ୱିତୀୟ ଏକକ :

# ବିଶେଷ୍ୟ, ବିଶେଷଣ, ସର୍ବନାମ, ଲିଙ୍ଗ, ଶବ୍ଦରୂପ

**ବିଷୟର ଗଠନ**


୨.୧ ପଠନର ଉଦ୍ଦେଶ୍ୟ

୨.୨ ବିଷୟ ପରିଚୟ

୨.୩ ବିଶ୍ୟେ

 ୨.୩.୧ ବ୍ୟକ୍ତିବାଚକ ବିଶେଷ୍ୟ

 ୨.୩.୨ ଜାତିବାଚକ ବିଶେଷ୍ୟ

 ୨.୩.୩ ବସ୍ତୁବାଚକ ବିଶେଷ୍ୟ

 ୨.୩.୪ ଗୁଣବାଚକ ବିଶେଷ୍ୟ

 ୨.୩.୫ କ୍ରିୟାବାଚକ ବିଶେଷ୍ୟ

୨.୪ ବିଶେଷଣ :

 ୨.୪.୧ ନାମ ବିଶେଷଣ

 ୨.୪.୨ ଭାବ ବିଶେଷଣ ପ୍ରଭୃତି

୨.୫ ବଚନ

 ୨.୫.୧ ଏକ ବଚନ

 ୨.୫.୨ ବହୁବଚନ

୨.୬ ପୁରୁଷ

୨.୭ କାରକ

 ୨.୭.୧ କର୍ତ୍ତାକାରକ

 ୨.୭.୨ କର୍ମକାରକ

 ୨.୭.୩ କରଣ କାରକ

 ୨.୭.୪ ସଂପ୍ରଦାନ କାରକ

 ୨.୭.୫ ବିପାଦାନ କାରକ

 ୨.୭.୬ ଅଧିକରଣ କାରକ

୨.୮ ବିଭକ୍ତି

୨.୯ ମନେରଖ

୨.୧୦ ଆତ୍ମ ପରୀକ୍ଷଣ ପ୍ରଶ୍ନାବଳୀ / ସମ୍ଭାବ୍ୟ ଉତ୍ତର

## ୨.୧ ପଠନର ଉଦ୍ଦେଶ୍ୟ :

ଏହି ବିଷୟ ପଢ଼ିସାରିବା ପରେ ତୁମେ

- ପଦ ଓ ଶବ୍ଦ ସମ୍ପର୍କରେ ପୂର୍ଣ୍ଣଧାରଣା ଅର୍ଜନ କରିବ ।
- ବିଶେଷ୍ୟ, ବିଶେଷଣ ଆଦି ବିଭିନ୍ନ ପଦଗୁଡ଼ିକ ମଧରେ ପାର୍ଥକ୍ୟକୁ ଅନୁଭବ କରିପାରିବ ।
- ବଚନ, ପୁରୁଷ ଇତ୍ୟାଦିକୁ ନିର୍ଣ୍ଣ କରିବାରେ ସମର୍ଥ ହେବ ।
- କାରକ, ବିଭକ୍ତିର ପ୍ରୟୋଗ କ୍ଷେତ୍ରରେ ସମର୍ଥ ହେବ ।
- ସର୍ବୋପରି ଓଡ଼ିଆ ବର୍ଣ୍ଣ ସମ୍ପର୍କିତ ଧାରଣା ସ୍ୱଷ୍ଟ ହେବ ।

## ୨.୨ ବିଷୟ ପରିଚୟ :

ବିଭିନ୍ନ କ୍ଷେତ୍ରରେ ଓଡ଼ିଆ ଭାଷାର ସଠିକ୍ ବ୍ୟବହାର କରିବା ସହ ନିର୍ଭୁଲ ଲେଖାପଢ଼ା ଓ ଉଚ୍ଚାରଣ ଉପରେ ଗୁରୁତ୍ୱ ଦେବା ଏହି ଏକକର ଉଦ୍ଦେଶ୍ୟ । ଓଡ଼ିଆ ଭାଷାରେ ପ୍ରାକୃତିକ ଲିଙ୍ଗକୁ ଅନୁସରଣ କରି ବିଶେଷ୍ୟ ପଦର ଲିଙ୍ଗ ନିରୂପଣ କରିବାରେ ସମର୍ଥ ହେବ । କାଳ ନିରୂପଣ ସମୟରେ ଅନୁଭୂତି ଦ୍ୱନ୍ଦ୍ୱକୁ ଦୂର କରିବା ସମ୍ଭବ ହେବ । ବ୍ୟାକରଣ ଭଳି କ୍ଲିଷ୍ଟ ବିଷୟକୁ ସରଳ ଭାବରେ ହୃଦୟଙ୍ଗମ କରାଇବା ଦ୍ୱାରା ତାର ନିର୍ଭୁଲ୍ ପ୍ରୟୋଗ ଏହି ଏକକର ଅନ୍ୟତମ ବିଶେଷତ୍ୱ ।

## ୨.୩ ବିଶେଷ୍ୟ :

ବିଶେଷ୍ୟ କହିଲେ ନାମବାଚକ ପଦକୁ ବୁଝାଯାଏ । ନାମର ପ୍ରକାରକୁ ନେଇ ବିଶେଷ୍ୟକୁ ପାଞ୍ଚ ଭାଗରେ ବିଭକ୍ତ କରାଯାଇଥାଏ । ଯଥା :-

୧) ବ୍ୟକ୍ତିବାଚକ ବା ସଂଜ୍ଞାବାଚକ ବିଶେଷ୍ୟ

୨) ଜାତିବାଚକ ବିଶେଷ୍ୟ

୩) ବସ୍ତୁବାଚକ ବିଶେଷ୍ୟ

୪) ଗୁଣବାଚକ ବିଶେଷ୍ୟ

୫) କ୍ରିୟାବାଚକ ବିଶେଷ୍ୟ

### ୨.୩.୧ ବ୍ୟକ୍ତିବାଚକ ବା ସଂଜ୍ଞାବାଚକ ବିଶେଷ୍ୟ

କୌଣସି ନିର୍ଦ୍ଦିଷ୍ଟ ନାମ ବା ସଂଜ୍ଞା ପ୍ରକାଶ କରୁଥିବା ପଦଗୁଡ଼ିକୁ ବ୍ୟକ୍ତିବାଚକ ବା ସଂଜ୍ଞାବାଚକ ବିଶେଷ୍ୟ କୁହାଯାଏ । ଏହି ଶ୍ରେଣୀର ବିଶେଷ୍ୟ ନିର୍ଦ୍ଦିଷ୍ଟ ବ୍ୟକ୍ତି, ଦେଶ, ସହର, ସ୍ଥାନ, ପ୍ରଦେଶ, ପଶୁ, ପକ୍ଷୀ, ନଦୀ, ହ୍ରଦ, ସମୁଦ୍ର ଇତ୍ୟାଦିକୁ ବୁଝାଇଥାଏ । ଯେମିତିକି -

କ) ଗୋପବନ୍ଧୁ, ଦିଲୀପ, ଆଦ୍ୟା, ମୋହନ, ଲିଲି (ବ୍ୟକ୍ତିବିଶେଷ)

ଖ) କଟକ, ପୁରୀ, ସମ୍ବଲପୁର, ମଥୁରା, ବନାରସ (ସ୍ଥାନ ବା ସହର)

ଗ) ଭାରତ, ଭୁଟାନ, ଥାଇଲ୍ୟାଣ୍ଡ, ନେପାଳ, ଆମେରିକା (ଦେଶ)

ଘ) ଓଡ଼ିଶା, ଗୁଜରାଟ, ଦିଲ୍ଲୀ, କର୍ଣ୍ଣାଟକ, ପଞ୍ଜାବ (ପ୍ରଦେଶ)

ଙ) ଗାଈ, କୁକୁର, ବିଲେଇ, ବାଘ, ସିଂହ (ପଶୁ)

ଚ) କାଉ, କୋଇଲି, ଶୁଆ, ଶାରୀ, ମୟୁର (ପକ୍ଷୀ)

ଛ) ମହାନଦୀ, କାଠଯୋଡ଼ି, କୁଆଖାଇ, ଗଙ୍ଗା, ଯମୁନା (ନଦୀ)

ଏହିସବୁ ଉଦାହରଣ ନିର୍ଦ୍ଦିଷ୍ଟ ନାମକୁ ପ୍ରକାଶ କରୁଥିବାରୁ ବ୍ୟକ୍ତିବାଚକ ବିଶେଷ୍ୟ । ଆମେ କେତୋଟି ବାକ୍ୟରେ ଏହି ବ୍ୟକ୍ତିବାଚକ ବିଶେଷ୍ୟର ବ୍ୟବହାର ଦେଖିଲେ ଆଉଟିକେ ଭଲଭାବେ ବୁଝିପାରିବା । ଉଦାହରଣ -

କ) ଦେଓମାଳୀ ଓଡ଼ିଶାର ସବୁଠୁ ବଡ଼ ପାହାଡ଼ ।

ଖ) ଚିଲିକା ଗୋଟିଏ ମନୋରମ ପର୍ଯ୍ୟଟନ କ୍ଷେତ୍ର ।

ଗ) କୋରାନ୍ ଇସ୍‌ଲାମ ଧର୍ମର ପବିତ୍ର ଧର୍ମଗ୍ରନ୍ଥ ।

ଘ) ସାରଳାଦାସଙ୍କୁ ଓଡ଼ିଶାର ବାଲ୍ମିକୀ କୁହାଯାଏ ।

## ୨.୩.୨ ଜାତିବାଚକ ବିଶେଷ୍ୟ

ଯେଉଁପଦ କୌଣସି ନିର୍ଦ୍ଦିଷ୍ଟ ନାମକୁ ନ ବୁଝାଇ ଗୋଟିଏ ନିର୍ଦ୍ଦିଷ୍ଟ ଦଳ, ଶ୍ରେଣୀ, ଗୋଷ୍ଠୀ ବା ଜାତିକୁ ବୁଝାଇଥାଏ ତାକୁ ଜାତିବାଚକ ବିଶେଷ୍ୟ କୁହାଯାଏ । ଆମେ ମଣିଷ କହିଲେ ମଣିଷ ଜାତିକୁ ବୁଝୁ । ସେହିଭଳି ଦେଶ, ବହି, ପରିବା, ଫୁଲ, ଫଳ, ପାହାଡ଼, ପଶୁ ଇତ୍ୟାଦି ଜାତିକୁ ବୁଝାଇଥାଏ ।ବ୍ୟକ୍ତିବାଚକ ଓ ଜାତିବାଚକ ମଧ୍ୟରେ କେତୋଟି ତୁଳନା ଲକ୍ଷ୍ୟ କଲେ ତୁମେମାନେ କଥାଟିକୁ ବୁଝିପାରିବ । ଯଥା -

| **ଜାତିବାଚକ** | **ବ୍ୟକ୍ତିବାଚକ** |
|---|---|
| ଦେଶ | ଭାରତ |
| ବହି | ଭାଗବତ |
| ପରିବା | ଆଳୁ |
| ଫୁଲ | କନିଅର |
| ଫଳ | କମଳା |
| ପାହାଡ଼ | ହିମାଳୟ |
| ପଶୁ | ବାଘ |

ଜାତିବାଚକ ବିଶେଷ୍ୟକୁ ଆମେ କେତୋଟି ବାକ୍ୟରେ ବ୍ୟବହାର କରି ବୁଝିପାରିବା । ଉଦାହରଣ -

କ) ସିଂହ<u>ଜଙ୍ଗଲ</u>ର ରାଜା ।

ଖ) ନନ୍ଦନକାନନରେ ବହୁତ <u>ପଶୁ</u> ଅଛନ୍ତି ।

ଗ) ବଜାରରେ<u>ପରିବା</u> ଦର ଆକାଶଛୁଆଁ ।

ଘ) <u>ବହି</u> ପଢ଼ିବା ଭଲ ଅଭ୍ୟାସ ।

## ୨.୩.୩ ବସ୍ତୁବାଚକ ବିଶେଷ୍ୟ

ବସ୍ତୁର ନାମ ପ୍ରକାଶ କରୁଥିବା ବିଶେଷ୍ୟ ପଦକୁ ବସ୍ତୁବାଚକ ବିଶେଷ୍ୟ କୁହାଯାଇଥାଏ । ଯେମିତିକି କାଗଜ, କାଠ, ପଥର, ସୁନା, ରୁପା, ଲୁହା, ଲୁଣ, ଚାଉଳ ।

ଏବେ ବାକ୍ୟରେ ଏହାର ବ୍ୟବହାର ଦେଖିବା । ଉଦାହରଣ –

କ) ପଞ୍ଜାବରେ ଭଲ ଗହମ ହୁଏ ।

ଖ) ପେଟ୍ରୋଲ ଦର ପୁଣି ବଢ଼ିଗଲା ।

ଗ) କ୍ଷୀର ସ୍ୱାସ୍ଥ୍ୟ ପାଇଁ ଅତି ଦରକାରୀ ।

ଘ) ଆଗକାଳରେ କାଠ କଲମରେ ଲେଖୁଥିଲେ ।

## ୨.୩.୪ ଗୁଣବାଚକ ବିଶେଷ୍ୟ

କୌଣସି ନିର୍ଦ୍ଦିଷ୍ଟ ଗୁଣର ନାମ ବା ଅବସ୍ଥାକୁ ବୁଝାଉଥିବା ବିଶେଷ୍ୟ ପଦକୁ ଗୁଣ ବାଚକ ବିଶେଷ୍ୟ କୁହାଯାଏ ।ଯେମିତିକି – ଗୁଣର ନାମ – ସାଧୁତା, ସରଳତା, ନମ୍ରତା । ଗୁଣର ଅବସ୍ଥା – ଶୈଶବ, ବାଲ୍ୟ, କୈଶୋର ।

ଏମିତି ଆଉ କେତୋଟି ଉଦାହରଣ ଲକ୍ଷ୍ୟ କର – ସହିଷ୍ଣୁତା, ଉଦାରତା, ମମତା, ସ୍ନେହ, ଶ୍ରଦ୍ଧା, ସତ୍ୟ, ଦୟା, କ୍ଷମା, ଭକ୍ତି, କ୍ରୋଧ, ପାଣ୍ଡିତ୍ୟ, ସେବା, ସାହାସ, ଧୈର୍ଯ୍ୟ ଇତ୍ୟାଦି । ଆମେ ଏବେ ଗୁଣବାଚକ ବିଶେଷ୍ୟର ବାକ୍ୟରେ ବ୍ୟବହାର ଦେଖିବା –

କ) ମଦର ଟେରେସା ଥିଲେ ସେବା ଓ ମମତାର ପ୍ରତିମୂର୍ତ୍ତି ।

ଖ) ଧୈର୍ଯ୍ୟର ଫଳ ସବୁବେଳେ ମିଠା ।

ଗ) ସେ ତାଙ୍କ ସାଧୁତା ଓ ସରଳତା ପାଇଁ ସମ୍ମାନିତ ହେଲେ ।

ଘ) ଜୀବନର ଶୈଶବ ଅବସ୍ଥା ସବୁବେଳେ ଅଭୁଲା ।

## ୨.୩.୫ କ୍ରିୟାବାଚକ ବିଶେଷ୍ୟ

ଯେଉଁ ପଦ କୌଣସି କ୍ରିୟାର ନାମକୁ ବୁଝାଇଥାଏ, ତାହାକୁ କ୍ରିୟାବାଚକ ବିଶେଷ୍ୟ କୁହାଯାଏ । ଯେମିତିକି – ମୁକ୍ତି, ବିଶ୍ରାମ, ପ୍ରାପ୍ତି, ଗତି, ଜଣାଣ, ଭସାଣି, ପାନ, ରୋଦନ, କ୍ରନ୍ଦନ, ହସ, ଦର୍ଶନ, ଭ୍ରମଣ, ପଠନ ଇତ୍ୟାଦି କ୍ରିୟା ଓ କ୍ରିୟାବାଚକ ବିଶେଷ୍ୟ ମଧ୍ୟରେ ଥିବା ଫରକ ତୁମମାନେ କେତୋଟି ଉଦାହରଣରୁ ବୁଝିପାରିବ –

| **କ୍ରିୟା** | **କ୍ରିୟାବାଚକ ବିଶେଷ୍ୟ** |
|---|---|
| ରୋଗୀଟି ଖଟରେ କାଶୁଛି | ବସିବାଠାରୁ କାଶିବା ଭଲ । |
| ଶିକ୍ଷକ ଚୌକିରେ ବସିଛନ୍ତି | ବସି ଖାଇଲେ ନଈବାଲି ସରେ । |
| ପିଲାଟି ଜୋର୍‌ରେ କାନ୍ଦୁଛି | ଶ୍ରୋତା ବକତା କେହି ନାହିଁ, ରୋଦନ କରୁ କାହିଁ ପାଇଁ ? |
| ହୁଏନ୍ ସାଂ ବହୁଦେଶ ଭ୍ରମଣ କରିଥିଲେ । | ଭ୍ରମଣ କାହାଣୀ ଲେଖିବାରେ ସେ ସିଦ୍ଧହସ୍ତ । |

## ୨.୪ ବିଶେଷଣ

ବିଶେଷଣ କହିଲେ ଆମେ ବୁଝିବା ଯେ, ଯେଉଁ ପଦ ଅନ୍ୟ ପଦର ଗୁଣ, ଅବସ୍ଥା, ସଂଖ୍ୟା, ପରିମାଣ ଓ କୌଣସି ନିର୍ଦ୍ଦିଷ୍ଟତା ପ୍ରକାଶ କରୁଥିବା ପଦ ।

ବିଶେଷଣକୁ ମୁଖ୍ୟତଃ ଦୁଇଭାଗରେ ବିଭକ୍ତ କରାଯାଇଥାଏ -

କ) ନାମବିଶେଷଣ ଓ ଖ) ଭାବ ବିଶେଷଣ

## ୨.୪.୧ ନାମ ବିଶେଷଣ

ବିଶେଷ୍ୟ ଓ ସର୍ବନାମ ପଦକୁ ବିଶେଷିତ କରୁଥିବା ବିଶେଷଣ ପଦକୁ ନାମ ବିଶେଷଣ କୁହାଯାଇଥାଏ । ଏହା ବିଶେଷ୍ୟର ବିଶେଷଣ, ସର୍ବନାମର ବିଶେଷଣ, ସଂଖ୍ୟାବାଚକ ବିଶେଷଣ ଓ ପୂରଣବାଚକ ବିଶେଷଣ ଏହିପରି କ୍ରମରେ ବୁଝେଇ ଦିଆଯାଇପାରେ -

ସର୍ବନାମର ବିଶେଷଣ -

କ) ସେ ନିର୍ଭୀକ ।

ଖ) ତୁମେ ପରୋପକାରୀ ।

ଗ) ଆପଣମାନେ ମିଥ୍ୟାବାଦୀ ।

ସଂଖ୍ୟାବାଚକ ବିଶେଷଣ

କ) ବାର ମାସରେ ତେର ଯାତ୍ରା ।

ଖ) ଅଠରନଳାରୁ ଶ୍ରୀ ମନ୍ଦିର ଦେଖିହୁଏ ।

ଗ) ତା' ମନରେ ଅସଂଖ୍ୟ ଭାବନା ।

ପୂରଣବାଚକ ବିଶେଷଣ -

କ) ଭାଗବତ ଏକାଦଶ ସ୍କନ୍ଧରେ ରଚିତ ।

ଖ) ଆଦ୍ୟା ପ୍ରଥମ ଶ୍ରେଣୀରେ ପଢୁଛି ।

ଗ) ସେ ପଞ୍ଚମ ଥର ସିନେମାଟିକୁ ଦେଖିଲା ।

(କେତେକ ସଂଖ୍ୟାର ପୂରଣବାଚକ ବିଶେଷଣ - ୧-ପ୍ରଥମ, ୨- ଦ୍ୱିତୀୟ, ୩- ତୃତୀୟ, ୪-ଚତୁର୍ଥ, ୫- ପଞ୍ଚମ, ୬-ଷଷ୍ଠ, ୭- ସପ୍ତମ ଇତ୍ୟାଦି ।)

## ୨.୪.୨ ଭାବ ବିଶେଷଣ

କ୍ରିୟାକୁ ବିଶେଷିତ କରୁଥିବା ବିଶେଷଣ ପଦକୁ ଭାବ ବିଶେଷଣ କୁହାଯାଏ । ବିଶେଷଣ, ବାକ୍ୟ ଓ ଅବ୍ୟୟକୁ ବିଶେଷିତ କରୁଥିବା ବିଶେଷଣ ପଦ ମଧ ଭାବ ବିଶେଷଣର ଅନ୍ତର୍ଭୁକ୍ତ ହୋଇପାରେ ।

ଆମେ ନାମ ବିଶେଷଣ ଓ ଭାବ ବିଶେଷଣ, ଏହି ଦୁଇ ମୁଖ୍ୟ ବିଭାଗ ସମେତ ଆଉ କେତୋଟି ବିଶେଷଣର ସଂଜ୍ଞା ଓ ସ୍ୱରୂପ ମଧ ଆଉଥରେ ବୁଝାଇ ଆଲୋଚନା କରିପାରିବା । ଯେମିତିକି -

କ) **ଗୁଣବାଚକ ବିଶେଷଣ -** ଯେଉଁ ବିଶେଷଣ ପଦ ବିଶେଷ୍ୟ ପଦର ଗୁଣ ପ୍ରକାଶ କରିଥାଏ, ତାହାକୁ ଗୁଣବାଚକ ବିଶେଷଣ କୁହାଯାଏ ।ଏହାକୁ ମଧ୍ୟ ବିଶେଷ୍ୟରବିଶେଷଣ କୁହାଯାଇଥାଏ । ଉଦାହରଣ -

୧) ଆକବର ଜଣେ ଦୟାଳୁ ରାଜା ।

୨) କ୍ଲିଓ ପାଟ୍ରାଙ୍କୁ ନୀଳ ନୟନା କୁହାଯାଏ ।

ଖ) **ଅବସ୍ଥାବାଚକ ବିଶେଷଣ -**ଯେଉଁ ବିଶେଷଣପଦ ବିଶେଷ୍ୟପଦର ଅବସ୍ଥାକୁ ସୂଚାଇଥାଏ, ତାକୁ ଅବସ୍ଥାବାଚକ ବିଶେଷଣ କୁହାଯାଏ । ଯେମିତିକି - ଅସୁସ୍ଥମନ, କୋହଲାପାଗ, ଦୁର୍ବଳ ଶରୀର, ତଟକା ମାଛ, ସଜ ପରିବା, ପାଚିଲା ଆମ୍ବ ।

ଗ) **ସଂଖ୍ୟା ବାଚକ ବିଶେଷଣ -** ଯେଉଁ ବିଶେଷଣ ପଦ ବିଶେଷ୍ୟପଦର ସଂଖ୍ୟାକୁ ସୂଚାଇଥାଏ, ତାକୁ ସଂଖ୍ୟାବାଚକ ବିଶେଷଣ କହନ୍ତି । ଯଥା : ଏକ, ଦୁଇ, ତିନି, ସହସ୍ର, ଅସଂଖ୍ୟ, ଅଗଣିତ, ଅନେକ ଇତ୍ୟାଦି ।

ଘ) **ପରିମାଣ ବାଚକ ବିଶେଷଣ -** ଯେଉଁ ବିଶେଷଣ ପଦ ବିଶେଷ୍ୟ ପଦର ପରିମାଣକୁ ବୁଝାଇଥାଏ ତାକୁ ପରିମାଣ ବାଚକ ବିଶେଷଣ କୁହାଯାଏ । ଯଥା : ବସ୍ତାଏ, ଟୋପାଏ, ପ୍ରଚୁର, ଅଳପ, ବୋଝେ, ବହୁତ, ମୁହୂର୍ତ୍ତେ, ଆଞ୍ଜୁଳାଏ ଇତ୍ୟାଦି ।

ଙ) **ପୂରଣ ବାଚକ ବିଶେଷଣ -** ଯେଉଁ ବିଶେଷଣ ପଦ ସଂଖ୍ୟାରୁ ନିଷ୍ପନ୍ନ ହୋଇ ସଂଖ୍ୟାର କ୍ରମିକତା ପ୍ରକାଶ କରିବା ସହିତ ବିଶେଷ୍ୟ ପଦର ନିର୍ଦ୍ଦିଷ୍ଟତା ପ୍ରକାଶ କରିଥାଏ ତାହାକୁ ପୁରୁଷ ବାଚକ ବିଶେଷଣ କୁହାଯାଉଥାଏ । ଯଥା : ପଞ୍ଚମ, ପ୍ରଥମ, ତୃତୀୟ, ଦ୍ୱିତୀୟ, ଚତୁର୍ଥ, ଏକାଦଶ, ଷୋଡ଼ଶ, ସହସ୍ରତମ ଇତ୍ୟାଦି ।

ଚ) **ବିଶେଷଣର ବିଶେଷଣ -** ଯେଉଁ ବିଶେଷଣର ଅନ୍ୟ ଏକ ବିଶେଷଣର ଗୁଣ, ମାତ୍ରା, ଅବସ୍ଥା ବା ଆଧିକ୍ୟ ପ୍ରକାଶ କରେ, ତାହାକୁ ବିଶେଷଣର ବିଶେଷଣ କୁହାଯାଏ । ଯେମିତିକି : ପରମ, ଅତି, ବଡ଼, ଅତ୍ୟନ୍ତ, ଭାରି, ନିପଟ ।

ଛ) **କ୍ରିୟା ବିଶେଷଣ -** ଯେଉଁ ବିଶେଷଣ ପଦ କ୍ରିୟାପଦକୁ ବିଶେଷିତ କରେ ଅଥବା କ୍ରିୟାର ଗୁଣ, ଅବସ୍ଥା ପ୍ରକାଶ କରିଥାଏ ତାକୁ କ୍ରିୟା ବିଶେଷଣ କୁହାଯାଏ । ଯଥା : ହୁତୁହୁତୁ, ମିଞ୍ଚିମିଞ୍ଚି, ମନ୍ଦମନ୍ଦ, ଚଞ୍ଚଳ, ଜୋର୍‌ରେ, ଧୀରେ ଇତ୍ୟାଦି ।

ଜ) **କ୍ରିୟାଜ ବିଶେଷଣ -** କ୍ରିୟାରୁ ଜାତ ବା ଗଠନ କରାଯାଇଥିବା ବିଶେଷଣ ପଦ ବିଶେଷ୍ୟ ପଦକୁ ବିଶେଷିତ କରୁଥିଲେ ତାକୁ କ୍ରିୟାଜ ବିଶେଷଣ କୁହାଯାଏ । ଯେମିତିକି - ଉଡ଼ନ୍ତା ଚଢ଼େଇ, ଜଳନ୍ତା ନିଆଁ, ଜୀଅନ୍ତା ମାଛ, କହିବା ଲୋକ, ପଢ଼ିଥିବା ପାଠ ଇତ୍ୟାଦି ।

ଝ) **ତୁଳନାତ୍ମକ ବିଶେଷଣ -** ଦୁଇ ବା ଦୁଇରୁ ଅଧିକ ବିଶେଷ୍ୟ ପଦ ମଧ୍ୟରେ ତୁଳନା କରିବା ପାଇଁ ଯେଉଁ ବିଶେଷଣ ପଦର ବ୍ୟବହାର କରାଯାଏ, ତା'କୁ ତୁଳନାତ୍ମକ ବିଶେଷଣ କୁହାଯାଏ ।ଯେମିତିକି - ଗରିଷ୍ଠ, କନିଷ୍ଠ, ବରିଷ୍ଠ, କ୍ଷୁଦ୍ରତର, କ୍ଷୁଦ୍ରତମ, ଉଚ୍ଚତର, ଉଚ୍ଚତମ, ମହୀୟାନ୍ ଇତ୍ୟାଦି।

ବାକ୍ୟରେ ଦେଖ -

କ) ଏଭରେଷ୍ଟ ପୃଥିବୀର ଉଚ୍ଚତମ ପର୍ବତ ।

ଖ) ନୀଳନଦୀ ପୃଥିବୀର ଦୀର୍ଘତମ ନଦୀ ।

ଗ) ତାଙ୍କ ବକ୍ତବ୍ୟଟି ଥିଲା ଦୀର୍ଘତର ।

ଘ) ବିଷୟ ଉପରେ ତା'ର ସାମାନ୍ୟତମ ଧାରଣା ନାହିଁ ।

## ଆତ୍ମପରୀକ୍ଷଣ ପ୍ରଶ୍ନାବଳୀ :

୧) ଅବସ୍ଥାବାଚକ ବିଶେଷଣର ପାଞ୍ଚଟି ଉଦାହରଣ ଦିଅ ।

-----------------------------------------------------------------

-----------------------------------------------------------------

୨) ପୂରଣବାଚକ ବିଶେଷଣ କହିଲେ କ'ଣ ବୁଝ ? ଉଦାହରଣ ସହ ବୁଝାଇ ଲେଖ ।

-----------------------------------------------------------------

-----------------------------------------------------------------

## ୨.୫ ବଚନ :

ତୁମେମାନେ ଜାଣିରଖ, ଯାହାଦ୍ୱାରା ବସ୍ତୁ ବା ବ୍ୟକ୍ତିର ସଂଖ୍ୟା ଜଣାପଡ଼େ, ତାହାକୁ 'ବଚନ' କୁହାଯାଏ । ଏହି ବଚନ ଦୁଇ ପ୍ରକାରର - ଏକବଚନ ଓ ବହୁବଚନ ।

## ୨.୫.୧ ଏକବଚନ :

ଯେଉଁ ବିଶେଷ୍ୟ ବା ସର୍ବନାମ ପଦରୁ ବସ୍ତୁ ବା ବ୍ୟକ୍ତିର ସଂଖ୍ୟା ଏକ ବା ଗୋଟିଏ ବା ଜଣେ ବୋଲି ଜଣାଯାଏ, ତାହାର ଏକବଚନ ହୁଏ । ଯେମିତିକି - କଲମ, ପାହାଡ଼, ଗାଆଁ, ମୁଁ, ତୁମେ, ସେ ଇତ୍ୟାଦି ।

ଏକବଚନ ବୁଝାଇବା ପାଇଁ ସାଧାରଣତଃ କିଛି ଚିହ୍ନ ଲାଗି ନଥାଏ । ଯେମିତିକି - ଫୁଲ, ଫଳ, ପୁଅ, ଚଢ଼େଇ, ବଗିଚା ଇତ୍ୟାଦି । ତେବେ ଆମେ ଏକବଚନକୁ ବ୍ୟବହାରରେ ବୁଝାଇବା ପାଇଁ ଟି, ଟା,ଟିଏ, ଗୋଟିଏ, ଗୋଟାଏ, ଖଣ୍ଡେ, ଖଣ୍ଡିକ ଇତ୍ୟାଦି ଚିହ୍ନ ଯୋଡ଼ିଥାଉ । ଯେମିତିକି -

ପିଲାଟା ଭାରି ସରଳ ।

ଏ କଲମଟିକାହାର ?

ଗୋଟିଏ କାଗଜରେ ହେଇଗଲା ।

ତାର ଖଣ୍ଡେ ବି ଲୁଗା ନାହିଁ ।

ଭୁବନେଶ୍ୱରରେ ଘର ଖଣ୍ଡିଏ ଭାରି ଜରୁରୀ ।

## ୨.୫.୨ ବହୁବଚନ :

ଯେଉଁ ବିଶେଷ୍ୟ ବା ସର୍ବନାମ ପଦରୁ ବସ୍ତୁ ବା ବ୍ୟକ୍ତିର ସଂଖ୍ୟା ଏକରୁ ଅଧିକ ବୋଲି ଜଣାଯାଏ, ତାହାର ବହୁବଚନ ହୋଇଥାଏ । ଯେମିତିକି - ଆମ୍ଭେମାନେ, ସେମାନେ, ତୁମେମାନେ, କଲମସବୁ, ପୋଖରୀଗୁଡ଼ିକ ଇତ୍ୟାଦି ।

ବହୁବଚନ ବୁଝାଇବା ପାଇଁ ସାଧାରଣତଃ ବିଶେଷ୍ୟ ପଦରେ ଏ, ମାନେ, ମାନ, ଗୁଡ଼ିକ, ଗୁଡ଼ାକ ପ୍ରଭୃତି ଚିହ୍ନ ଯୋଡ଼ା ଯାଇଥାଏ । ଯେମିତିକି - ଛାତ୍ରମାନେ, ଗ୍ରନ୍ଥମାନେ, ବାଳକେ, ଲୋକେ, ଫୁଲଗୁଡ଼ିକ ଇତ୍ୟାଦି ।

ତେବେ କେତେକ କ୍ଷେତ୍ରରେ ଶ୍ରେଣୀ, ବର୍ଗ, ବୃନ୍ଦ, ଦଳ, ପଲ, ଗଣ, ରାଜି, ମାଳା, ରାଶି, ଚୟ, ମଣ୍ଡଳୀ, ସମାଜ, ସମୂହ ପ୍ରଭୃତି ସମୂହବାଚକ ଶବ୍ଦ, ଏକବଚନ ଶବ୍ଦ ପରେ ଯୋଡ଼ି ବହୁବଚନ ହୋଇଥାଏ । ଯେମିତିକି - ପଛୁଆ ବର୍ଗ, ଛାତ୍ରୀବୃନ୍ଦ, ହରିଣପଲ, ଜନଗଣ, ମେଘମାଳା, କବିତାଚୟ, ଧନରାଶି, ଛାତ୍ରମଣ୍ଡଳୀ, କବି ସମାଜ, ଜନ ସମୂହ ଇତ୍ୟାଦି ।

କେତେକ ସ୍ଥାନରେ ବସ୍ତୁବାଚକ ବିଶେଷ୍ୟ ପଦ ସଂଖ୍ୟା ବୁଝାଉ ନଥିବାରୁ ତାହାର ବହୁବଚନ ହୋଇ ନଥାଏ । ଯେମିତିକି - ଚାଉଳ, ପାଣି, ଲୁହା, ସୁନା, ରୂପା, ପଥର ଇତ୍ୟାଦି । ତେବେ ବସ୍ତୁବାଚକ ବିଶେଷ୍ୟ ସଂଖ୍ୟାବୋଧକ ହେଲେ ତାହାର ବହୁବଚନ ହୋଇଥାଏ । ଯେମିତିକି - ଶଗଡ଼େ କାଠ, ପାଞ୍ଚଟୋକେଇ ।

## ୨.୬ ପୁରୁଷ :

ଆମେ କଥାବାର୍ତ୍ତା ବେଳେ ଯେଉଁ ବାକ୍ୟ ବ୍ୟବହାର କରିଥାଉ ସେଥିରେ ଜଣେ କହୁଛି, ଜଣକୁ କହୁଛି ଏବଂ ଜଣକ ବିଷୟରେ କହୁଛି ଏହି କଥାଟି ଥାଏ । ଏହାକୁ ପୁରୁଷ ବୋଲି କୁହାଯାଏ । ଗୋଟିଏ ଉଦାହରଣରୁ କଥାଟିକୁ ଆଉଟିକେ ବୁଝାଇଦେବା । ଧରାଯାଉ - ମୁଁ ଲେଖୁଛି । ଏଠାରେ 'ମୁଁ' ଗୋଟିଏ ପୁରୁଷ। ସେମିତି - ତୁମେ ଲେଖୁଛ । ଏଥିରେ 'ତୁମେ' ପୁରୁଷ । ସେମାନେ ଲେଖୁଛନ୍ତି । 'ସେମାନେ' ଗୋଟିଏ ପୁରୁଷ । ଏଥିରୁ ଆମେ ବୁଝିବା ଯେ, ପୁରୁଷ ତିନି ପ୍ରକାରର - ପ୍ରଥମ ପୁରୁଷ, ଦ୍ୱିତୀୟ ପୁରୁଷ, ତୃତୀୟ ପୁରୁଷ । ଯେ କହିଥାଏ, ସେ ନିଜକୁ ମୁଁ, ଆମେ, ଆମ୍ଭେ, ଆମ୍ଭେମାନେ ଇତ୍ୟାଦି ଶବ୍ଦ ଦ୍ୱାରା ପ୍ରକାଶ କରିଥାଏ । ଏହି ଶବ୍ଦଗୁଡ଼ିକୁ 'ପ୍ରଥମ ପୁରୁଷ' ବୋଲି କୁହାଯାଇଥାଏ । ସେହିପରି ବାକ୍ୟରେ 'ତୁ', 'ତୁମ୍ଭେ' 'ତୁମ୍ଭେମାନେ' ଶବ୍ଦଗୁଡ଼ିକୁ ଦ୍ୱିତୀୟ ପୁରୁଷ ବୋଲି କୁହାଯାଏ । ଠିକ୍ ସେମିତି 'ସେ', 'ସେମାନେ', 'ଯେ', 'ଯେଉଁମାନେ', 'କିଏ', 'କେଉଁମାନେ', 'ଇଏ' 'ଏମାନେ' ପ୍ରଭୃତି ଶବ୍ଦଗୁଡ଼ିକୁ ତୃତୀୟ ପୁରୁଷ କୁହାଯାଇଥାଏ। ବାକ୍ୟରେ କ୍ରିୟାପଦ କର୍ତ୍ତାର ପୁରୁଷ, ବଚନକୁ ଅନୁସରଣ କରିଥାଏ ।

| | **ପ୍ରଥମ ପୁରୁଷ** | **ଦ୍ୱିତୀୟ ପୁରୁଷ** | **ତୃତୀୟ ପୁରୁଷ** |
|---|---|---|---|
| ଏକବଚନ | ମୁଁ ଲେଖୁଛି । | ତୁମେ ଲେଖୁଛ । | ସେ ଲେଖୁଛି । |

ବାଲି, ଦଶ କିଲୋ ଚାଉଳ, ପାଞ୍ଚଲିଟର ତେଲ, ଦୁଇ ଟ୍ରକ୍ ମାଟି ଇତ୍ୟାଦି ।

**ମନେରଖ,** ଆମେ ଅନେକ ସମୟରେ ଗୋଟିଏ ବହୁବଚନ ସୂଚେଇବା ପାଇଁ ଦୁଇଟି ବହୁବଚନ ସୂଚକ ଚିହ୍ନ ବା ଶବ୍ଦ ବ୍ୟବହାର କରିଥାଉ ଯାହାକି ଭୁଲ୍ । ଉଦାହରଣ - ବହୁତ ପୋଷାକ ଗୁଡ଼ିକ, ଯେତେ ପିଲା ସବୁ, ସମସ୍ତ ବନ୍ଧୁ ବର୍ଗ, ଅଧିକାଂଶ ଶ୍ରମିକ ମାନଙ୍କର, ବହୁଜନଗଣ ଇତ୍ୟାଦି । ଏସବୁ ଭୁଲ୍ ବା ଅଶୁଦ୍ଧ। ଠିକ୍ ରୂପଟି ହେଉଛି - ପୋଷାକ ଗୁଡ଼ିକ, ପିଲାସବୁ, ସମସ୍ତ ବନ୍ଧୁ, ଜନଗଣ, ଅଧିକାଂଶ ଶ୍ରମିକଙ୍କ।

କେତେକ ସ୍ଥାନରେ ଆମେ ବିଶେଷ୍ୟ ଓ ବିଶେଷଣ ପଦ ଦୁଇଥର କରି ବହୁବଚନକୁ ସୂଚେଇଥାଉ । ଯେମିତିକି –

କ) ରଥଯାତ୍ରାରେ ଲକ୍ଷ ଲକ୍ଷ ଯାତ୍ରୀଙ୍କ ସମାଗମ ହୁଏ ।

ଖ) ବୋଝ ବୋଝ ଆମ୍ବ ଏଥର ସେ ଗାଁରେ ବାଣ୍ଟିଦେଲେ ।

ଗ) ଗରମ ଗରମ ଭାତ ଖାଇବାକୁ ଭାରି ଭଲଲାଗେ ।

ଘ) ବଗିଚାଟିସୁନ୍ଦର ସୁନ୍ଦର ଗୋଲାପରେ ଭରପୁର ।

ଆଉଗୋଟିଏ କଥା ମନେରଖ, ଚିରନ୍ତନ ସତ୍ୟ ବୁଝାଉଥିବା ଏକବଚନାନ୍ତ ଜାତିବାଚକ ବିଶେଷ୍ୟ ପଦ ଦ୍ୱାରା ବହୁବଚନ ଅର୍ଥ ବି ପ୍ରକାଶ କରାଯାଇପାରେ । ଯେମିତିକି - ମଣିଷ ମରଣଶୀଳ । ବାଘ ଜଙ୍ଗଲରେ ରହେ ।ସିଂହ ପଶୁମାନଙ୍କର ରାଜା । କୁକୁର ବିଶ୍ୱସ୍ତ ପ୍ରାଣୀ । ଇତ୍ୟାଦି ।

## ଆତ୍ମ ପରୀକ୍ଷଣ ପ୍ରଶ୍ନାବଳୀ :

୧) ପୁରୁଷ କହିଲେ କ'ଣ ବୁଝ ? ଏହା ସାଧାରଣତଃ କେତେ ପ୍ରକାରର ?

---------------------------------------------------------------

---------------------------------------------------------------

---------------------------------------------------------------

୨) ଏକବଚନ ଓ ବହୁ ବଚନର ଦୁଇଟି ଲେଖାଏଁ ଉଦାହରଣ ଲେଖ ।

---------------------------------------------------------------

---------------------------------------------------------------

---------------------------------------------------------------

## ୨.୭ କାରକ :

ତୁମେମାନେ ଜାଣିରଖ, ବାକ୍ୟ ମଧ୍ୟରେ କ୍ରିୟାପଦ ସହ ଅନ୍ୟ ପଦମାନଙ୍କର ଯେଉଁ ସମ୍ବନ୍ଧ ଥାଏ, ତାହାକୁ କାରକ କୁହାଯାଏ ।

## ୨.୭.୧ କର୍ତ୍ତାକାରକ :

ସାଧାରଣତଃ କ୍ରିୟାପଦ ପୂର୍ବରୁ କିଏ ବା କ'ଣ ଲଗାଇ ପ୍ରଶ୍ନ କଲେ ଯେଉଁ ଉତ୍ତର ମିଳେ ତାହା କର୍ତ୍ତାକାରକ । ଅନ୍ୟ ଭାଷାରେ କହିଲେ, କ୍ରିୟା ଯେ ସଂପାଦନ କରେ, କରାଏ ଅଥବା ଯାହା ସମ୍ବନ୍ଧରେ କୌଣସି କ୍ରିୟା କୁହାଯାଏ ତାହା କର୍ତ୍ତାକାରକ । ତୁମମାନଙ୍କୁ ଆଉଟିକେ ବୁଝାଇ କହିବା । ଧରାଯାଉ ପ୍ରଶ୍ନଟି ଏମିତି -

କ'ଣ ପାଚିଥାଏ ? ସପୁରୀ - କର୍ତ୍ତାକାରକ

କିଏ ଭଲ ଭାଷଣ ଦେଲେ ? ସନ୍ତୋଷ - କର୍ତ୍ତାକାରକ

କାହାର ପରୀକ୍ଷା ଅଛି ? ସାଗରିକା - କର୍ତ୍ତାକାରକ

କର୍ତ୍ତାକାରକର କେତୋଟି ଉଦାହରଣ -

କ) ମଧୁବାବୁ ଅତ୍ୟନ୍ତ ସ୍ୱାଭିମାନୀ ଥିଲେ ।

ଖ) ଗୁଣବନ୍ତ ସବୁଠାରେ ଆଦର ପାଏ ।

ଗ) ରାମଚନ୍ଦ୍ର ଅଶ୍ୱମେଧ ଯଜ୍ଞ କରିଥିଲେ ।

ଘ) ସାରଳାଦାସ ଦାଣ୍ଡୀବୃତ୍ତରେ ମହାଭାରତ ଲେଖିଥିଲେ ।

ଙ) ଆକବର ଜଣେ ସ୍ନେହୀ ସମ୍ରାଟ ଥିଲେ ।

ତୁମେମାନେ ମନେରଖ, ଆମ ଭାଷାରେ ସାଧାରଣତଃ ଆଦେଶ ଦିଆଯାଉଥିବା ବାକ୍ୟରେ କର୍ତ୍ତା ଉହ୍ୟ ରହେ । ଯେମିତିକି ମନେଦେଇ ପାଠ ପଢ଼ ।

ଏଠାରେ କର୍ତ୍ତା ହେଉଛି 'ତୁମେ' । ସଂପୂର୍ଣ୍ଣ ବାକ୍ୟଟି ଏମିତି -

ତୁମେ ମନଦେଇ ପାଠ ପଢ଼ ।

ତେବେ ଆଦେଶ ଦେବାବେଳେ କର୍ତ୍ତା 'ତୁମେ' ଉହ୍ୟ ରହୁଛି । ସେମିତି ଆଉ ଗୋଟିଏ କଥା ମନେରଖ, କର୍ତ୍ତା ଭାବରେ ବିଶେଷ୍ୟ, ବିଶେଷଣ, ସର୍ବନାମ, ଖଣ୍ଡବାକ୍ୟ ଓ ବାକ୍ୟାଂଶ ମଧ ବ୍ୟବହାର ହୋଇପାରେ । ଆଉ କାରକ ସହ ବିଭକ୍ତିର ସଂପର୍କ ଥିବାରୁ ଆମେ କର୍ତ୍ତାକାରକରେ ପ୍ରଥମା ବିଭକ୍ତି ହେଉଥିବାର ଦେଖୁ । ବିଭକ୍ତି ବିଷୟରେ ପରବର୍ତ୍ତୀ ଅଧ୍ୟାୟରେ ଆଲୋଚନା କଲାବେଳେ ଏହି କଥାକୁ ଆଉଟିକେ ଭଲଭାବରେ ବୁଝିପାରିବା ।

## ୨.୭.୨ କର୍ମକାରକ :

ଏବେ ଦେଖିବା ଦ୍ୱିତୀୟ କାରକ କର୍ମକାରକ । କର୍ମକାରକ କହିଲେ ଆମେ ବୁଝୁ ଯେ, ଯିଏ, କର୍ତ୍ତାର କ୍ରିୟା ସାଧନ କରିଥାଏ ତାହା କର୍ମକାରକ । ସାଧାରଣତଃ କ୍ରିୟା ପୂର୍ବରୁ କ'ଣ, କାହାକୁ ବା କେଉଁଠିକୁ ଯୋଡ଼ି ପ୍ରଶ୍ନକଲେ ଯେଉଁ ଉତ୍ତର ମିଳିଥାଏ ତାହା କର୍ମକାରକ । ଆଉଟିକେ ବୁଝାଇ କହିବା - ଧରାଯାଉ ବାକ୍ୟଟିଏ -

ରାମଚନ୍ଦ୍ର ଅଯୋଧ୍ୟାକୁ ଯାଇଥିଲେ ।

ଏହି ବାକ୍ୟକୁ ଆମେ ପ୍ରଶ୍ନ ଭାବେ ପଚାରିବା -

ରାମଚନ୍ଦ୍ର କେଉଁଠିକୁ ଯାଇଥିଲେ ?

ଉତ୍ତର - ଅଯୋଧ୍ୟାକୁ ( ଏହା କର୍ମକାରକ)

ସେହିପରି ଆଉ ଗୋଟିଏ ବାକ୍ୟକୁ ଲକ୍ଷ୍ୟ କର -

କଲମ୍ବସ୍ ଆମେରିକାକୁ ଆବିଷ୍କାର କରିଥିଲେ ।

ଏହି ବାକ୍ୟଟିକୁ ଆମେ ପ୍ରଶ୍ନ ଭାବେ ଯଦି ପଚାରିବା -

କଲମ୍ବସ୍ କ'ଣ ଆବିଷ୍କାର କରିଥିଲେ ?

ଉତ୍ତର - ଆମେରିକା ।

କର୍ମକାରକର ଆଉ କେତୋଟି ଉଦାହରଣ -

କ) ଶିକ୍ଷକ ଛାତ୍ରକୁ ବୁଝାଇଲେ ।

ଖ) ବନମାଳୀ ବଜାରକୁ ଯାଇଥିଲେ ।

ଗ) ମମତା ଦରଜିକୁ କନା ଦେଲେ ।

## ୨.୭.୩ କରଣ କାରକ

ଘ) ଗୁରୁ, ଶିଷ୍ୟଙ୍କୁ ଉପଦେଶ ଶୁଣାଇଲେ । ଆମେ ଦେଖିଲେ, କର୍ତ୍ତାକାରକରେ ପ୍ରଥମା ବିଭକ୍ତି ହୁଏ, ସେହିପରି କର୍ମକାରକରେ ଦ୍ୱିତୀୟା ବିଭକ୍ତି ହୁଏ । ଏବେ ଆସ ଆଲୋଚନା କରିବା, କରଣ କାରକ ବିଷୟରେ । କରଣ କାରକ କହିଲେ ଆମେ ବୁଝୁ ଯେ, ଯାହା ସାହାଯ୍ୟରେ କ୍ରିୟା ସାଧିତ ହୁଏ ତାହା କରଣ କାରକ । ଅନ୍ୟ ଭାଷାରେ କହିଲେ, କର୍ତ୍ତା ଯାହାଦ୍ୱାରା କାର୍ଯ୍ୟ ସାଧନ କରେ ସେଠାରେ କରଣ କାରକ ହୁଏ ।

ଉଦାହରଣ -

ମୌସୁମୀ ଛୁରୀରେ ପରିବା କାଟୁଛି ।

ସୁରେଶ ଜାଲରେ ମାଛ ଧରୁଅଛି ।

ଅନୀତା କଲମରେ ଲେଖୁଅଛି ।

ଏହି ତିନୋଟି ବାକ୍ୟ ଯଦି ଆମେ ବଦଳାଇଦେବା ତେବେ ଏପରି ହୋଇ ପାରେ -

(ମୌସୁମୀ) କାହାଦ୍ୱାରା ପରିବା କାଟୁଛି ? ଛୁରୀରେ ।

(ସୁରେଶ) କାହାଦ୍ୱାରା ମାଛ ଧରୁଅଛି ? ଜାଲରେ ।

(ଅନୀତା) କାହାଦ୍ୱାରା ଲେଖୁଅଛି ? କଲମରେ ।

## ୨.୭.୪ ସଂପ୍ରଦାନ କାରକ

ଏଠାରେ 'ଛୁରୀ', 'ଜାଲ', 'କଲମ' କ୍ରିୟା ସାଧନର ମାଧମ ହୋଇଥିବାରୁ କରଣ କାରକ ପଦବାଚ୍ୟ । ମନେରଖ, କରଣ କାରକରେ ତୃତୀୟା ବିଭକ୍ତି ହୋଇଥାଏ । ଏବେ ଆସ ଦେଖିବା ସଂପ୍ରଦାନ କାରକ ବିଷୟ ।

ଯାହାକୁ କୌଣସି ବସ୍ତୁ ଦାନ କରାଯାଏ, ତାହାର ସଂପ୍ରଦାନ କାରକ ହୁଏ ।

ଭିକାରୀକୁଭିକ ଦିଅ ।

ରାଜାବ୍ରାହ୍ମଣମାନଙ୍କୁ ସୁନା ଦେଲେ ।

ଗରିବମାନଙ୍କୁ ସାହାଯ୍ୟ କର ।

ଆମେ ଏହିସବୁ ଉଦାହରଣରୁ ବୁଝିପାରିବା ଯେ, ଦାନ ଅର୍ଥରେ ଦାନନେବା ବ୍ୟକ୍ତିଠାରେ ସଂପ୍ରଦାନ କାରକ ହୁଏ । ତେବେ ନିବାରଣ ଅର୍ଥରେ ବି ସଂପ୍ରଦାନ କାରକ ହୁଏ । ଯେମିତିକି -

ମଶାକୁ ଧୂଆଁ ଦିଅ ।

## ୨.୭.୫ ଅପାଦାନ କାରକ

ସଂପ୍ରଦାନ କାରକରେ ଚତୁର୍ଥୀ ବିଭକ୍ତି ହୋଇଥାଏ । ପରବର୍ତ୍ତୀ କାରକ, ଅପାଦାନ କାରକ । କ୍ରିୟାଦ୍ୱାରା ଗୋଟିଏ ବସ୍ତୁ ଅନ୍ୟବସ୍ତୁଠାରୁ ଅଲଗା ହେବା ଜଣାଗଲେ, ଯେଉଁ ବସ୍ତୁଠାରୁ ଅଲଗା ହୁଏ ତାହାର ଅପାଦାନ କାରକ ହୋଇଥାଏ ।

ଯେମିତିକି-

ଗଛରୁ ପତ୍ର ପଡ଼ିଲା ।

ଦେଉଳରୁ ପଥର ଖସିଲା ।

ଆକାଶରୁ କୁଆପଥର ପଡ଼ିଲା ।

ଗଛରୁ, ଦେଉଳରୁ ଓ ଆକାଶରୁ ପଦଗୁଡ଼ିକରେ ଅପାଦାନ କାରକ ହୋଇଥାଏ । ତେବେ ଖାଲି ଅଲଗା ହେବା ଅର୍ଥରେ ନୁହେଁ, ଅନ୍ୟ ଅର୍ଥ ଯଥା : ବିରତି, ଆରମ୍ଭ, ରକ୍ଷା, ମୁକ୍ତି, ପରାଜୟ ଇତ୍ୟାଦିର ମଧ ଅପାଦାନ କାରକ ହୋଇଥାଏ ।

ସେମାନେ ଅନଶନରୁ ବିରତ ହେଲେ । (ବିରତି)

ଖଜୁରୀଗଛ ମୂଳରୁ ପାହାଚ ପାହାଚ । (ଆରମ୍ଭ)

ସୈନ୍ୟମାନେ ଆମ ଦେଶକୁ ବିପଦରୁ ରକ୍ଷା କରନ୍ତି । (ରକ୍ଷା)

ପରାଧୀନତାରୁ ମୁକ୍ତି ପାଇବା ଏକ ଅଲଗା ଅନୁଭବ । (ମୁକ୍ତି)

ଯୁଦ୍ଧରେ ଗୁରୁ, ଶିଷ୍ୟଠାରୁ ପରାଜିତ ହେଲେ । (ପରାଜୟ)

## ୨.୭.୬ ଅଧିକରଣ କାରକ

ଆମେ ଜାଣିରଖିବା ଉଚିତ୍, ଅପାଦନା କାରକରେ ପଞ୍ଚମୀ ବିଭକ୍ତି ହୋଇଥାଏ । ଏବେ ଆସ ଜାଣିବା, ଅଧିକରଣ କାରକ କଥା । କ୍ରିୟା ଯେଉଁ ସ୍ଥାନରେ ବା ଯେଉଁ ସମୟରେ ସାଧିତ ହୁଏ, ସେହି ସ୍ଥାନର ବା ସମୟର ଅଧିକରଣ କାରକ ହୋଇଥାଏ । ତେଣୁ ଅଧିକରଣ କାରକ ଦୁଇପ୍ରକାରର - ସ୍ଥାନାଧିକରଣ ଓ କାଳାଧିକରଣ । ଯେଉଁ ପଦ ଦ୍ୱାରା କ୍ରିୟାର ସ୍ଥାନ ସୂଚିତ ହୁଏ, ତାହା ସ୍ଥାନାଧିକରଣ । ଉଦାହରଣ -

ଗଛରେ ପକ୍ଷୀଟି ବସିଛି ।

ଶ୍ରେଣୀରେ ପିଲାମାନେ ପଢୁଛନ୍ତି ।

ଘରେ ସେ ପାଠ ପଢୁଛି ।

ସେହିପରି ଯେଉଁ ପଦଦ୍ୱାରା କ୍ରିୟା ଯେଉଁ ସମୟରେ ସାଧିତ ହୁଏ ତାହାଠାରେ କାଳାଧିକରଣ ହୋଇଥାଏ । ଯେମିତିକି -

ବର୍ଷାଦିନେ ଜାମୁକୋଳି ପାଚେ ।

ପୂର୍ଣ୍ଣମୀରେ ପୂର୍ଣ୍ଣଚନ୍ଦ୍ର ଦେଖାଯାଏ ।

ଶୀତଋତୁରେ ଫୁଲକୋବି ଫଳେ ।

ଅଧିକରଣ କାରକରେ ସପ୍ତମୀ ବିଭକ୍ତି ହୋଇଥାଏ । ଆଉ କେତେକ ଉଦାହରଣ ଲକ୍ଷ୍ୟ କର । ଅଧିକରଣ କାରକ ବିଷୟରେ ତୁମର ଧାରଣା ଆଉଟିକେ ସ୍ପଷ୍ଟ ହେବ -

ସେ ବୀଣା ବାଦନରେ ପ୍ରବୀଣ ।

ଫଳରେ ରସ ଥାଏ ।

ଗଙ୍ଗାରେ ଦାନ ପୁଣ୍ୟ କରିବାର ବ୍ୟବସ୍ଥା ଅଛି ।

ଏହିପରି କର୍ତ୍ତାକାରକ, କର୍ମକାରକ, କରଣ କାରକ, ସଂପ୍ରଦାନ କାରକ, ଅପାଦାନ କାରକ ଓ ଅଧିକରଣ କାରକ । କାରକ ସହ ବିଭକ୍ତିର ସଂପର୍କ ଥାଏ ।କର୍ତ୍ତାକାରକରେ ପ୍ରଥମା ବିଭକ୍ତି, କର୍ମକାରକରେ ଦ୍ୱିତୀୟା ବିଭକ୍ତ. କରଣ କାରକରେ ତୃତୀୟା ବିଭକ୍ତି, ସଂପ୍ରଦାନ କାରକରେ ଚତୁର୍ଥୀ ବିଭକ୍ତି, ଅପାଦାନ କାରକରେ ପଞ୍ଚମୀ ବିଭକ୍ତି ଓ ଅଧିକରଣ କାରକରେ ସପ୍ତମୀ ବିଭକ୍ତି ହୋଇଥାଏ ।

## ଆତ୍ମ ପରୀକ୍ଷଣ ପ୍ରଶ୍ନାବଳୀ :

୧) କାରକ କାହାକୁ କୁହାଯାଏ ? ଏହା କେତେ ପ୍ରକାରର ?

----------------------------------------------------------------

----------------------------------------------------------------

----------------------------------------------------------------

## ୨.୮ ବିଭକ୍ତି

ଆମେ କାରକ କଥା ଆଲୋଚନା କଲେ । କାରକ ସହ ବିଭକ୍ତିର ସଂପର୍କ ଥିବା ଜାଣିଲେ । ବିଭକ୍ତି ବିଷୟରେ ଏବେ ଆସ ଆଉ ଟିକେ ଅଧିକା ଜାଣିବା । ବିଭକ୍ତି କହିଲେ, ଯେଉଁ ବର୍ଣ୍ଣ ବା ସମଷ୍ଟିଦ୍ୱାରା ସଂଖ୍ୟା ଓ କାରକ ସୂଚିତ ହୁଏ ତାହାକୁ ବୁଝାଯାଏ । ସଂଖ୍ୟା ଏଠାରେ ଏକ ବଚନ ଓ ବହୁବଚନ । କାରକ ସେହିଭଳି କର୍ତ୍ତାକାରକ, କର୍ମ କାରକ ପ୍ରଭୃତି । ବିଭକ୍ତି ଶବ୍ଦଟି 'ବି' ଉପସର୍ଗ 'ଭଜ୍' ଧାତୁ ଓ 'ତି' ପ୍ରତ୍ୟୟକୁ ନେଇ ଗଠିତ । ବିଭକ୍ତି ଶବ୍ଦର ଆକ୍ଷରିକ ଅର୍ଥ ବିଭାଗ ବା ବାଣ୍ଟିବା । ବିଭକ୍ତିକୁ ସାତ ଭାଗରେ ବିଭକ୍ତ କରାଯାଇଥାଏ ଯେମିତିକି - ପ୍ରଥମ ବିଭକ୍ତି, ଦ୍ୱିତୀୟା ବିଭକ୍ତି, ତୃତୀୟା ବିଭକ୍ତି, ଚତୁର୍ଥୀ ବିଭକ୍ତି, ପଞ୍ଚମୀ ବିଭକ୍ତି, ଷଷ୍ଠୀ ବିଭକ୍ତି ଓ ସପ୍ତମୀ ବିଭକ୍ତି । ଆମ ଭାଷାରେ ବିଭିନ୍ନ କାରକରେ ବ୍ୟବହାର ହେଉଥିବା ବିଭକ୍ତି ଚିହ୍ନଗୁଡ଼ିକୁ ଏକବଚନ ଓ ବହୁବଚନ ଭେଦରେ ଆମେ ଯେମିତି ବ୍ୟବହାର କରିଥାଉ ସେସବୁକୁ ଏମିତି ସଜାଇପାରିବା -

| **କାରକ** | **ବିଭକ୍ତି** | **ଏକବଚନ ଚିହ୍ନ** | **ବହୁବଚନ ଚିହ୍ନ** |
|---|---|---|---|
| କର୍ତ୍ତାକାରକ | ପ୍ରଥମା ବିଭକ୍ତି | ଟି,ଟା,ଟେ, ଟାଏ,ଟିଏ | ଏ, ମାନ, ମାନେ, ଗୁଡ଼ିକ, ଗୁଡ଼ାକ |
| କର୍ମକାରକ | ଦ୍ୱିତୀୟା ବିଭକ୍ତି | କୁ,ଙ୍କୁ,କି,ଙ୍କି | ମାନଙ୍କୁ, ମାନଙ୍କ ଦେଇ, ମାନଙ୍କ କର୍ତ୍ତୃକ |
| କରଣ କାରକ | ତୃତୀୟା ବିଭକ୍ତି | ରେ,ଦ୍ୱାରା,ଦେଇ | ମାନଙ୍କରେ,ମାନଙ୍କଦ୍ୱାରା,ମାନଙ୍କ ଦେଇ |
| ସଂପ୍ରଦାନ କାରକ | ଚତୁର୍ଥୀ ବିଭକ୍ତି | କୁ,ଙ୍କୁ,କି,ଙ୍କି | ମାନଙ୍କୁ,ମାନଙ୍କପାଇଁ,ମାନଙ୍କ ନିମିତ୍ତ |
| ଅପାଦାନ କାରକ | ପଞ୍ଚମୀ ବିଭକ୍ତି | ରୁ,ଠାରୁ,ଠୁ,ଠୁଁ | ମାନଙ୍କରୁ, ମାନଙ୍କଠୁ, ମାନଙ୍କଠୁଁ, ମାନଙ୍କଠାରୁ |

| | | | |
|---|---|---|---|
| ସମ୍ବନ୍ଧ ପଦ | ଷଷ୍ଠୀ ବିଭକ୍ତି | ର,ଙ୍କ,ଙ୍କର | ଙ୍କର, ମାନଙ୍କ, ମାନଙ୍କର |
| ଅଧିକରଣ କାରକ | ସପ୍ତମୀବିଭକ୍ତି | ରେ,ଠରେ,ଠି | ମାନଙ୍କରେ, ମାନଙ୍କଠାରେ, ମାନଙ୍କ ଠେଇଁ, ଗୁଡ଼ିକଠାରେ । |

ଆମେ ଏ ତାଲିକାରେ ଗୋଟେ ନୂଆ ନାଁ ଟିଏ ଦେଖିଲେ- ସମ୍ବନ୍ଧ ପଦ ।ଆମେ କାରକ କଥା ଆଲୋଚନା କଲାବେଳେ ଏଇ ନାଁଟିକୁ ଆଲୋଚନା କରି ନଥିଲେ । ଏହା ହେଉଛି ସମ୍ବନ୍ଧ ପଦ । ସମ୍ବନ୍ଧ ପଦରେ ଷଷ୍ଠୀ ବିଭକ୍ତି ହୁଏ । ଏହା ଅନ୍ୟ କାରକ ଯଥା : କର୍ତ୍ତା କାରକ, କର୍ମ କାରକ ନୁହେଁ । ଏହା ସମ୍ବନ୍ଧ ପଦ । କାରକର ଭିନ୍ନ ଭିନ୍ନ ଚିହ୍ନକୁ ବିଭକ୍ତି କୁହାଯାଏ । ଷଷ୍ଠୀ ବିଭକ୍ତିରେ ସମ୍ବନ୍ଧ ପଦ ହୋଇଥାଏ । ଏବେ ଆସ ଦେଖିବା ଉଦାହରଣ ।

## ୨.୮.୧ ପ୍ରଥମା ବିଭକ୍ତି

### (ଟି,ଟା,ଟେ, ଟାଏ, ଟିଏ, ଏ, ମାନ, ମାନେ, ଗୁଡ଼ିକ, ଗୁଡ଼ାକ )

କ) ଶରତ ଖେଳୁଅଛି ।

ଖ) ପିଲାମାନେ ପଢୁଛନ୍ତି ।

ଗ) ପକ୍ଷୀଟି ବସିଅଛି ।

ଘ) ଫୁଟ୍‌ବଲ ଖେଳରେ ଗୋଟିଏ ଦଳରେ ଏଗାରଜଣ ଖେଳାଳି ଥାଆନ୍ତି ।

ଙ) ଆପଣ ଆସନ୍ତୁ ।

## ୨.୮.୨ ଦ୍ୱିତୀୟା ବିଭକ୍ତି :

### (କୁ, ଙ୍କୁ, କି,ଙ୍କି, ଠାକୁ, ମାନଙ୍କୁ, ମାନଙ୍କଠାରୁ, ଗୁଡ଼ିଙ୍କୁ)

କ) ପିଲାମାନେ ଘରକୁ ଯାଉଛନ୍ତି ।

ଖ) ପୁରୀକୁ ଭୁବନେଶ୍ୱର ଛପନ କିଲୋମିଟର ।

ଗ) ଦିନକୁ ଦିନ ସେ ଉନ୍ନତି କରୁଛି ।

ଘ) ଘରକୁ ଘର ବୁଲି ସେ ଭୋଟ ମାଗିଲେ ।

ଙ) ଚାଉଳବସ୍ତାକୁ ହଜାରେ ଟଙ୍କା ।

## ୨.୮.୩ ତୃତୀୟା ବିଭକ୍ତି :

### (ଏ,ରେ, ଦ୍ୱାରା, ଦେଇ, କର୍ତ୍ତୃକ, ମାନଙ୍କଦ୍ୱାରା, ମାନଙ୍କଦେଇ)

କ) ପବନ ଧୀରେ ବହୁଛି ।

ଖ) ସେଗୋତ୍ରରେ ଭରଦ୍ୱାଜ ।

ଗ) ସନ୍ତୋଷ ସ୍ୱଭାବରେ ସରଳ ।

ଘ) ମିଶ୍ରବାବୁଜାତିରେ ବ୍ରାହ୍ମଣ ।

ଙ) ତିନିବର୍ଷରେ ରାସ୍ତା କାମ ସରିଲା ।

## ୨.୮.୪ ଚତୁର୍ଥୀ ବିଭକ୍ତି :

### (କୁ,ଙ୍କୁ,କି,ଙ୍କି, ପାଇଁ, ନିମିତ୍ତ, ସକାଶ, ଙ୍କୁ, ମାନଙ୍କୁ, ମାନଙ୍କପାଇଁ)

କ) ସ୍ୱର୍ଗକୁ ନିଶୁଣି ନାହିଁ ।

ଖ) ମଶାକୁ ଧୂଆଁ ଦିଅ ।

ଗ) ଡ଼ାକ୍ତର ରୋଗୀକୁ ଇଞ୍ଜେକ୍ସନ୍ ଦେଲେ ।

ଘ) ବଡ଼ଲୋକଙ୍କୁ ଉତ୍ତର ନାହିଁ ।

ଙ) ମୁଖ୍ୟମନ୍ତ୍ରୀ, ଖେଳାଳିଙ୍କୁ ପୁରସ୍କାର ପ୍ରଦାନ କଲେ ।

## ୨.୮.୫ ପଞ୍ଚମୀ ବିଭକ୍ତି :

### (ରୁ, ଠାରୁ, ଠୁ, ଠୁଁ, ଠଉଁ, ମାନଙ୍କରୁ, ମାନଙ୍କଠାରୁ, ମାନଙ୍କଠୁ, ମାନଙ୍କଠୁଁ , ଗୁଡ଼ିକରୁ)

କ) ଗଛରୁ ପତ୍ର ପଡ଼ିଲା ।

ଖ) ଆମେ ଆମ ଭାଷାକୁ ସଙ୍କଟରୁ ରକ୍ଷା କରିବା ।

ଗ) କାର୍ତ୍ତିକ ଠାରୁ ଶୀତ ଆରମ୍ଭ ହୁଏ ।

ଘ) ଠାକୁର ତୁମକୁ ବିପଦରୁ ଉଦ୍ଧାର କରନ୍ତୁ ।

ଙ) ଅତୀତରେ ଆମ ରାଜ୍ୟ ଗଙ୍ଗାଠାରୁ ଗୋଦାବରୀ ପର୍ଯ୍ୟନ୍ତ ବ୍ୟାପି ଥିଲା ।

## ୨.୮.୬ ଷଷ୍ଠୀ ବିଭକ୍ତି : (ର,ଙ୍କ,ଙ୍କର, ମାନଙ୍କ, ମାନଙ୍କର, ଗୁଡ଼ିକର)

କ୍ରିୟା ସହିତ ଷଷ୍ଠୀ ବିଭକ୍ତିର ସମ୍ବନ୍ଧ ନ ଥିବାରୁ ଏହାକୁ କାରକର ଅନ୍ତର୍ଭୁକ୍ତ କରାଯାଏ ନାହିଁ । ଏହା ସମ୍ବନ୍ଧ ପଦ ଭାବରେ ପରିଚିତ । ଉଦାହରଣ -

କ) ଈଶ୍ୱରଙ୍କ ଉପାସନା କର ।

ଖ) ସମୟର ଗତି ଅନିବାର୍ଯ୍ୟ ।

ଗ) ରୋଗର ଯନ୍ତ୍ରଣା ବଡ଼ ଅସହ୍ୟ ।

ଘ) କ୍ଷୁଧାର ପୀଡ଼ାକୁ ସେ ବୁଝିଲେ ।

ଙ) କାହା ସହିତ ତାଙ୍କର ଶତ୍ରୁତା ନାହିଁ ।

## ୨.୮.୭ ସପ୍ତମୀ ବିଭକ୍ତି : (ରେ, ଠାରେ, ଠାଇଁ, ଠେଇଁ, ଠି, ମାନଙ୍କରେ, ମାନଙ୍କଠାରେ, ମାନଙ୍କଠାଇଁ, ମାନଙ୍କଠେଇଁ, ଗୁଡ଼ିକରେ, ଗୁଡ଼ିକଠାରେ)

କ) ସେ ସାହିତ୍ୟରେ ବିଶାରଦ ।

ଖ) ଭାଇ ଭାଇରେ କଳି ଦେଖି ଗାଁ ଲୋକ ଚୁପ୍ ରହିଲେ ।

ଗ) ଘରେ ବାହାରେ ନିନ୍ଦା ପାଇବା ଭଳି କାମ କରନାହିଁ ।

ଘ) ସୂର୍ଯ୍ୟ ଉଦୟରେ ପଦ୍ମଫୁଲ ଫୁଟେ ।

ଙ) ସନ୍ନ୍ୟାସୀର ଧନରେ କି ପ୍ରୟୋଜନ ?

**ଆଉ କେତେକ କଥା ମନେରଖ ।**

୧) ବିଭକ୍ତି ଚିହ୍ନଗୁଡ଼ିକରେ ଗଠନ ଦୃଷ୍ଟିରୁ ଏଗୁଡ଼ିକୁ ମୁଖ୍ୟତଃ ଦୁଇଭାଗରେ ବିଭକ୍ତ କରାଯାଏ ।

ଯେମିତିକି - ମୌଳିକ ବା ସ୍ୱରମୂଳକ ଏବଂ ଅନୁସର୍ଗାତ୍ମକ ବା ବ୍ୟଞ୍ଜନମୂଳକ ।

ଏ, ଏଁ, ଉ, ଉଁ ଇତ୍ୟାଦି ସ୍ୱରମୂଳକ ଏବଂ କୁ, ଟି, ଟା, ରେ, ଦ୍ୱାରା, ର, ରୁ ଇତ୍ୟାଦି ବ୍ୟଞ୍ଜନମୂଳକ ।

ଆମ ଓଡ଼ିଆ ଭାଷାରେ ନିମିତ୍ତ, ସକାଶ, ଦେଇ, କର୍ତ୍ତୃକ ଆଦି କେତେକ ଶବ୍ଦ ବିଭକ୍ତି ଚିହ୍ନ ଭାବରେ ପ୍ରଚଳିତ ।

ଯେଉଁ ଚିହ୍ନ ବା ସଙ୍କେତ ବା ବର୍ଣ୍ଣ ବଚନ, କାରକ ଓ ସମ୍ବନ୍ଧ ପଦକୁ ସୂଚାଇଥାଏ ତାହାକୁ ବିଭକ୍ତି କୁହାଯାଇଥାଏ ।

କବି କବିତା ଲେଖନ୍ତି । (ପ୍ରଥମା ବିଭକ୍ତି)

ଦିନକୁ ଦିନ ପରିବା ଦର ବଢୁଛି । (ଦ୍ୱିତୀୟା ବିଭକ୍ତି)

ସମସ୍ତେ ସୁଖ ଶାନ୍ତିରେ ରହନ୍ତୁ । (ତୃତୀୟା ବିଭକ୍ତି)

ବ୍ରାହ୍ମଣଙ୍କୁ ଦକ୍ଷିଣା ଦିଅ । (ଚତୁର୍ଥୀ ବିଭକ୍ତି)

ବଡ଼ ଦେଉଳରୁ ପଥର ଖସିଲା । (ପଞ୍ଚମୀ ବିଭକ୍ତି)

ବସନ୍ତ ଋତୁମାନଙ୍କର ରାଜା । ( ଷଷ୍ଠୀ ବିଭକ୍ତି)

ପଶ୍ଚିମ ଓଡ଼ିଶାରେ ନୂଆଖାଇ ପ୍ରଧାନ ପର୍ବର ମାନ୍ୟତା ପାଇଛି । (ସପ୍ତମୀ ବିଭକ୍ତି)

## ଆତ୍ମ ପରୀକ୍ଷଣ ପ୍ରଶ୍ନାବଳୀ :

୧) ବିଭକ୍ତି କେତେ ପ୍ରକାରର ?

---------------------------------------------

---------------------------------------------

---------------------------------------------

୨) ପଞ୍ଚମୀ ଓ ଷଷ୍ଠୀ ବିଭକ୍ତିର ଦୁଇଟି ଲେଖାଏଁ ଉଦାହରଣ ଲେଖ ।

---------------------------------------------

---------------------------------------------

---------------------------------------------

## ୨.୫ ସର୍ବନାମ :

ବିଶେଷ୍ୟ ପଦ ବଦଳରେ ଯେଉଁ ପଦ ବ୍ୟବହାର କରାଯାଏ ତାହାକୁ ସର୍ବନାମ କୁହାଯାଏ । ବେଳେବେଳେ ସର୍ବନାମ ମଧ ବିଶେଷଣ, ବାକ୍ୟାର୍ଥ ବା ବାକ୍ୟ ବଦଳରେ ମଧ ବ୍ୟବହାର କରାଯାଇଥାଏ । କେତୋଟି ଉଦାହରଣ ଦେଖିଲେ ତୁମେ ବୁଝିପାରିବ -

କ) ଈଶ୍ୱର ଦୟାଳୁ, ସେ ସର୍ବମଙ୍ଗଳ କାରୀ । ଏହି ଉଦାହରଣରେ 'ସେ' ସର୍ବନାମ ଏହା 'ଈଶ୍ୱର' ବିଶେଷ୍ୟ ପଦ ବଦଳରେ ବ୍ୟବହାର ହୋଇଛି ।

ଖ) ବିଭୀଷଣ ଧାର୍ମିକ ଥିଲେ, ମାତ୍ର ରାବଣ ତାହା ନଥିଲେ । ଏହି ଉଦାହରଣରେ 'ତାହା' ସର୍ବନାମ । ଏହା 'ଧାର୍ମିକ' ବିଶେଷଣପଦ ବଦଳରେ ବ୍ୟବହାର ହୋଇଛି ।

ଗ) ମହାତ୍ମାଗାନ୍ଧି ଅହିଂସାର ପୂଜାରୀ ଥିଲେ, ଆଜି ମଧ ଲୋକେ ଏହା ସ୍ୱୀକାର କରୁଛନ୍ତି । ଏହି ଉଦାହରଣରେ 'ମହାତ୍ମାଗାନ୍ଧି....ଥିଲେ' ଏହି ବାକ୍ୟ ବଦଳରେ 'ଏହା' ସର୍ବନାମ ବ୍ୟବହାର ହୋଇଛି ।

ଏହି ସର୍ବନାମକୁ ବିଭିନ୍ନ ବିଭାଗରେ ବିଭକ୍ତ କରାଯାଇପାରେ ।

ଯଥା : କ) ପୁରୁଷବାଚକ ବା ବ୍ୟକ୍ତିବାଚକ ସର୍ବନାମ

ଖ) ପ୍ରଶ୍ନବାଚକ ସର୍ବନାମ

ଗ) ଆପେକ୍ଷିକ ବା ସମ୍ବନ୍ଧବାଚକ ସର୍ବନାମ

ଘ) ନିର୍ଣ୍ଣାୟକ ସର୍ବନାମ ।

ସର୍ବନାମର ଏହି ସବୁ ଶ୍ରେଣୀ ଉପରେ ଆସ ଆମେ ଆଉଟିକେ ଆଲୋଚନା କରିବା ।

## ୨.୫.୧ ପୁରୁଷବାଚକ ବା ବ୍ୟକ୍ତିବାଚକ ସର୍ବନାମ -

ବିଭିନ୍ନ ନାମବାଚକ, ବ୍ୟକ୍ତିବାଚକ, ପୁରୁଷବାଚକ ବିଶେଷ୍ୟପଦ ବଦଳରେ ମୁଁ, ଆମ୍ଭେ, ଆମ୍ଭେମାନେ, ତୁ, ତୁମ୍ଭେ, ତୁମ୍ଭେମାନେ, ସେ, ସେମାନେ, ଆପଣ ଓ ଆପଣମାନେ ଆଦି ସର୍ବନାମର ବ୍ୟବହାର ହୋଇଥାଏ । ଏହିସବୁ ସର୍ବନାମ ପୁରୁଷବାଚକ ବା ବ୍ୟକ୍ତିବାଚକ ସର୍ବନାମ ଅନ୍ତର୍ଭୁକ୍ତ ।

ଉଦାହରଣ -

୧) ମୁଁ ଜଣେ ଧାର୍ମିକ ଲୋକ ।

୨) ତୁ ମିଛ କାହିଁକି କହୁଛୁ ?

୩) ସେ ଆଜି ଡ଼େରିରେ ଆସିଲେ ।

୪) ଆପଣ ଏ କଥା ବିଶ୍ୱାସ କରନ୍ତୁ ।

୫) ସେମାନେ ସମାଧାନ ପାଇଁ ନିଷ୍ପତ୍ତି ନେଲେ ।

ଏହି ସବୁ ଉଦାହରଣରେ ବ୍ୟବହାର ହୋଇଥିବା ମୁଁ, ତୁ, ସେ, ଆପଣ, ସେମାନେ ଇତ୍ୟାଦି ପୁରୁଷବାଚକ ବା ବ୍ୟକ୍ତିବାଚକ ସର୍ବନାମ ।

## ୨.୫.୨ ପ୍ରଶ୍ନବାଚକ ସର୍ବନାମ

ସର୍ବନାମ ବ୍ୟବହାର କରାଯାଇ ପ୍ରଶ୍ନ ପଚରା ଯାଇଥାଏ । ଯେଉଁ ସର୍ବନାମ ପଦଗୁଡ଼ିକ ପ୍ରଶ୍ନ ପଚାରିବା ପାଇଁ ବ୍ୟବହାର କରାଯାଏ ସେଗୁଡ଼ିକୁ ପ୍ରଶ୍ନବାଚକ ସର୍ବନାମ କୁହାଯାଇଥାଏ । ଉଦାହରଣ -

୧) ତୁମର ନାମ କ'ଣ ?

୨) ସେ କାହାକୁ ଖୋଜୁଛନ୍ତି ?

୩) କେଉଁ ସ୍ଥାନରେ ତୁମେ ବସିବ ?

୪) ଠାକୁର ଅଛନ୍ତି, ତୁମେ ଡ଼ରୁଛ କାହିଁକି ?

୫) ଏ କବିତାଟି ଲେଖିଛି କିଏ ?

ଏହି ସବୁ ଉଦାହରଣରେ ବ୍ୟବହାର ହୋଇଥିବା କ'ଣ, କାହାକୁ, କେଉଁ, କାହିଁକି, କିଏ ଇତ୍ୟାଦି ସର୍ବନାମ, ପ୍ରଶ୍ନ ପଚାରିବାପାଇଁ ବ୍ୟବହାର ହୋଇଥିବାରୁ ଏସବୁ ପ୍ରଶ୍ନବାଚକ ସର୍ବନାମ ପର୍ଯ୍ୟାୟର ।

## ୨.୫.୩ ଆପେକ୍ଷିକ ବା ସମ୍ବନ୍ଧବାଚକ ସର୍ବନାମ -

ଯେଉଁ ସର୍ବନାମ ପଦ ବ୍ୟବହାର କରାଯାଇ ବାକ୍ୟରେ ପରସ୍ପରର ଆପେକ୍ଷିକ ବା ସମ୍ବନ୍ଧର ସୂଚନା ଦିଆଯାଏ, ସେଗୁଡ଼ିକୁ ଆମେ ଆପେକ୍ଷିକ ସର୍ବନାମ ବା ସମ୍ବନ୍ଧ ବାଚକ ସର୍ବନାମ କହନ୍ତି । ଉଦାହରଣ -

୧) ଯେ ଦେଶଯାଇ, ସେ ଫଳଖାଇ ।

୨) ଯେମିତି ଦିଅଁ, ସେମିତି ପୂଜା ।

୩) ଯେତିକି ପାରୁଛ, ସେତିକି କାମ କର ।

୪) ଯେପରି କର୍ମ, ସେପରି ଫଳ ।

୫) ଯେତେବେଳେ ଧର୍ମର ଗ୍ଲାନି ହୁଏ, ସେତେବେଳେ ଈଶ୍ୱର ଧରାବତରଣ କରନ୍ତି ।

ଏହିସବୁ ଉଦାହରଣମାନଙ୍କରେ ଯେ-ସେ, ଯେମିତି-ସେମିତି, ଯେତିକି-ସେତିକି, ଯେପରି-ସେପରି, ଯେତେବେଳେ-ସେତେବେଳେ ପଦଗୁଡ଼ିକ ଆପେକ୍ଷିକ ବା ସମ୍ବନ୍ଧବାଚକ ସର୍ବନାମ ।

## ୨.୫.୪ ନିର୍ଣ୍ଣାୟକ ସର୍ବନାମ -

ଯେଉଁ ସର୍ବନାମ ପଦକୁ ବାକ୍ୟରେ ବ୍ୟବହାର କରାଯାଇ ବିଶେଷ୍ୟ ପଦକୁ ନିର୍ଣ୍ଣୟ କରାଯାଏ ତାହାକୁ ନିର୍ଣ୍ଣାୟକ ସର୍ବନାମ କୁହାଯାଏ । ଉଦାହରଣ -

୧) ମଧୁ ଓ ଗୀତା ଦୁଇସାଙ୍ଗ, ଉଭୟେ ଭଲ ନାଚନ୍ତି ।

୨) ଆମେ ସବୁ କଥାରେ ମୁଣ୍ଡ ଖେଳାଇବା ଠିକ୍ ନୁହେଁ ।

୩) ଅନ୍ୟର ଦୁଃଖ ବୁଝିଲେ ନିଜର ଦୁଃଖ ଲାଘବ ହୁଏ ।

୪) କଥା ଏତିକିରେ ଥାଉ, ଆର ଥରକୁ ପୁଣି କହିବା ।

୫) ତୁମ ଶ୍ରେଣୀରେ ଯେତେଜଣ ଅଛନ୍ତି, ପ୍ରତ୍ୟେକଙ୍କର ପାଠପଢ଼ା ସମାନ ନୁହେଁ ।

ଏହିସବୁ ଉଦାହରଣରେ ବ୍ୟବହାର ହୋଇଥିବା ଉଭୟେ, ସବୁ, ଅନ୍ୟର, ଆର, ପ୍ରତ୍ୟେକଙ୍କର ଇତ୍ୟାଦି ନିର୍ଣ୍ଣାୟକ ସର୍ବନାମ ।

## ୨.୬ ଲିଙ୍ଗ :

ତୁମେମାନେ ଜାଣିରଖ, ବିଶେଷ୍ୟ, ସର୍ବନାମ ଓ ବିଶେଷଣ ପଦର ଲିଙ୍ଗ ବିଚାର କରାଯାଏ । ପୁରୁଷ ପ୍ରାଣୀକୁ ବୁଝାଉଥିବା ପଦ ପୁଲିଙ୍ଗ, ସ୍ତ୍ରୀ ଜାତୀୟ ପ୍ରାଣୀ ବୁଝାଉଥିବା ପଦ ସ୍ତ୍ରୀ ଲିଙ୍ଗ, ପୁରୁଷ ଓ ସ୍ତ୍ରୀ ଉଭୟଙ୍କୁ ବୁଝାଉଥିବା ପଦକୁ ଉଭୟଲିଙ୍ଗ କୁହାଯାଏ । ତେବେ ଯେଉଁ ପଦ କୌଣସି ପୁରୁଷ ବା ସ୍ତ୍ରୀ ପ୍ରାଣୀକୁ ବୁଝାଇ ନଥାଏ, ତାହାକୁ କ୍ଲୀବଲିଙ୍ଗ କୁହାଯାଏ । ତେଣୁ ଆମେ ଲିଙ୍ଗକୁ ଚାରି ଶ୍ରେଣୀରେ ବିଭକ୍ତ କରିପାରିବା - ଉଦାହରଣ -

କ) ପୁଲିଙ୍ଗ - ରାମ, ପ୍ରଫୁଲ୍ଲ, ସୁଶାନ୍ତ, ଆଶିଷ, ଭାଇ, ମାମୁ, ପୁଅ, ଅଜା, ମଉସା, ବାଳକ ଇତ୍ୟାଦି ।

ଖ) ସ୍ତ୍ରୀ ଲିଙ୍ଗ - ସୀତା, ମନୀଷା, ମାଧବୀ, ମମତା, ଆଦ୍ୟା, ଅର୍ଚ୍ଚନା, ମାଇଁ, ଆଈ, ବାଳିକା, ଖୁଡୀ ଇତ୍ୟାଦି ।

ଗ) ଉଭୟ ଲିଙ୍ଗ - ଗୋରୁ, ଲୋକ, ଯାତ୍ରୀ, ଶିଶୁ, ପିଲା, ଛୁଆ, କାଉ, କୋଇଲି, ଛେଳି, କର୍ମୀ ଇତ୍ୟାଦି ।

ଘ) କ୍ଲୀବ ଲିଙ୍ଗ - ମାଟି, ପାଣି, ପବନ, ଧାନ, ଚାଉଳ, ସୁନା, ରୂପା, ଲୁହା, ଗଛ, ଖାତା ଇତ୍ୟାଦି ।

କେତୋଟି କଥା ମନେରଖ -

ସର୍ବନାମ ପଦ ବିଶେଷ୍ୟ ପଦ ବଦଳରେ ବ୍ୟବହାର ହେଉଥିବାରୁ ତାହା ବିଶେଷ୍ୟର ଲିଙ୍ଗ ଗ୍ରହଣ କରିଥାଏ । ଯେମିତିକି-

ମାଧବୀ ଜଣେ ଭଲ ଛାତ୍ରୀ, ସେ ଭଲ ଗୀତଗାଏ । ତାର ନୃତ୍ୟ ମଧ ଚମତ୍କାର ।

'ସେ' ଓ 'ତାର' ସର୍ବନାମ ପଦ ଦୁଇଟି ବିଶେଷ୍ୟ 'ମାଧବୀ' ବଦଳରେ ବ୍ୟବହାର ହୋଇଥିବାରୁ ସ୍ତ୍ରୀଲିଙ୍ଗ ଅଟେ । ସେହିପରି - ଓଡ଼ିଆରେ ବିଶେଷଣ ପଦ, ସର୍ବନାମ ପଦ ପରି ବିଶେଷ୍ୟ ପଦର ଲିଙ୍ଗକୁ ଅନୁସରଣ କରିଥାଏ । ଯେମିତିକି -

ଧଳା ହାତୀଟି ଐରାବତ ଅଟେ ।

କଳା ଷଣ୍ଢଟି ମନ୍ଦିର ପାଖରେ ବୁଲୁଛି ।

ବିଶେଷ୍ୟ ପଦ 'ହାତୀ' ପୁଂଲିଙ୍ଗ ହୋଇଥିବାରୁ ଧଳା ପୁଲିଙ୍ଗ ଏବଂ 'ଷଣ୍ଢ' ବିଶେଷ୍ୟ ପଦ ପୁଲିଙ୍ଗ ହୋଇଥିବାରୁ କଳା ପୁଲୁଙ୍ଗ । ସେହିପରି ମନେରଖ - ଆମ ଭାଷାରେ ପ୍ରାକୃତିକ ଲିଙ୍ଗକୁ ଅନୁସରଣ କରି ବିଶେଷ୍ୟ ପଦର ଲିଙ୍ଗ ନିର୍ଣ୍ଣିତ ହୋଇଥାଏ । ଯଥା :-

ସୁନ୍ଦର ଲୋକ ।

ବେଗବାନ୍ ଘୋଡ଼ା ।

ଧନବାନ୍ ପୁରୁଷ ।

ଶାରଦୀୟ ଆକାଶ ।

ଚତୁର ଠେକୁଆ ।

ତୁମମାନଙ୍କ ବୁଝିବାପାଇଁ ଏଠାରେ ପୁଂଲିଙ୍ଗ, ସ୍ତ୍ରୀଲିଙ୍ଗର କେତୋଟି ଉଦାହରଣ ଦିଆଯାଇପାରେ-

| ପୁଂଲିଙ୍ଗ | ସ୍ତ୍ରୀଲିଙ୍ଗ | ପୁଂଲିଙ୍ଗ | ସ୍ତ୍ରୀଲିଙ୍ଗ |
|---|---|---|---|
| ପୁଅ | ଝିଅ | କପୋତ | କପୋତୀ |
| ବୁଢ଼ା | ବୁଢ଼ୀ | ପାକୁଆ | ପାକୋଇ |
| ନାତି | ନାତୁଣୀ | ପାଠୁଆ | ପାଠୋଇ |
| ଶିଷ୍ୟ | ଶିଷ୍ୟା | ବାଘ | ବାଘୁଣୀ |
| ଛାତ୍ର | ଛାତ୍ରୀ | ମାଲିକ | ମାଲିକାଣୀ |
| ଯୁବକ | ଯୁବତୀ | ବିଦେଶୀ | ବିଦେଶିନୀ |
| ସଖା | ସଖୀ | ଭିକାରୀ | ଭିକାରୁଣୀ |
| ଦାସ | ଦାସୀ | ଗଉଡ଼ | ଗଉଡୁଣୀ |
| ମୟୂର | ମୟୂରୀ | ଠାକୁର | ଠାକୁରାଣୀ |
| ସୁନ୍ଦର | ସୁନ୍ଦରୀ | ମଉସା | ମାଉସୀ |

ଆଉ ଗୋଟିଏ କଥା - ସଂସ୍କୃତ ଭାଷାରେ ବ୍ୟବହାର ହେଉଥିବା କେତେକ ସ୍ତ୍ରୀଲିଙ୍ଗ ଶବ୍ଦ ଓଡ଼ିଆ ଭାଷାରେ ବିନା ପରିବର୍ତ୍ତନ ବା ଅଦଳବଦଳରେ ଅବିକଳ ବ୍ୟବହାର କରାଯାଏ । ଏଗୁଡ଼ିକ ଆମେ ସ୍ୱାଭାବିକ ସ୍ତ୍ରୀ ଲିଙ୍ଗ କହିପାରିବା । ଯେମିତିକି - ଲତା, କ୍ଷମା, ଦେବୀ, କବିତା, ତୃପ୍ତି, ବୀଣା, ଜ୍ୟୋତ୍ସ୍ନା, ପ୍ରଣତି, ମାୟା, ଗଙ୍ଗା, ଅର୍ଚ୍ଚନା, ନଦୀ, ସରସ୍ୱତୀ, ଭୂମି, ବନ୍ଦନା, ପ୍ରାର୍ଥନା, କାବେରୀ, ବ୍ରାହ୍ମଣୀ, କାଳୀ, ଭକ୍ତି ଇତ୍ୟାଦି ।

## ଆତ୍ମ ପରୀକ୍ଷଣ ପ୍ରଶ୍ନାବଳୀ

- ସର୍ବନାମ କହିଲେ ତୁମେ କ'ଣ ବୁଝ ?
- ସର୍ବନାମ କେତେ ପ୍ରକାରର ଓ କ'ଣ କ'ଣ ?
- ପୁରୁଷବାଚକ ସର୍ବନାମ କ'ଣ ?
- ନିମ୍ନଲିଖିତ ବାକ୍ୟଗୁଡ଼ିକ କେଉଁ ସର୍ବନାମ ଅନ୍ତର୍ଭୁକ୍ତ ?

  କ) ଏ ଗଳ୍ପଟି ଲେଖିଛି କିଏ ?

  ଖ) ଯେଦେଶ ଯାଇ, ସେ ଫଳ ଖାଇ ।

  ଗ) ଆପଣ ମୋ' କଥା ବିଶ୍ୱାସ କରନ୍ତୁ ।

  ଘ) ଅନ୍ୟର ଦୁଃଖ ବୁଝିଲେ ନିଜର ଦୁଃଖ ଦୂର ହୁଏ ।

  ଙ) ସେ ଜଣେ ବଡ଼ ପଣ୍ଡିତ ।
- ଲିଙ୍ଗ କ'ଣ ଏହା କେତେ ପ୍ରକାରର ?
- ଓଡ଼ିଆ ଭାଷାରେ ପ୍ରାକୃତିକ ଲିଙ୍ଗକୁ ଅନୁସରଣ କରି ବିଶେଷ୍ୟ ପଦର କିପରି ଲିଙ୍ଗ ନିର୍ଣ୍ଣିତ ହୁଏ ?
- ନିମ୍ନଲିଖିତ ଶବ୍ଦ ଗୁଡ଼ିକର ଲିଙ୍ଗ ନିରୂପଣ କର -
- ଗୋରୁ, ଛେଳି, କର୍ମୀ, ଗଛ, ଖାଦ୍ୟ, ଲୁହା, ଆଈ, ଆଦ୍ୟା, ଆଶିଷ, ଭାଇ ।

# ଆତ୍ମ ପରୀକ୍ଷଣ ପ୍ରଶ୍ନାବଳୀର ସମ୍ଭାବ୍ୟ ଉତ୍ତର

- ବିଶେଷ୍ୟ ପଦ ବଦଳରେ ଯେଉଁ ପଦ ବ୍ୟବହାର ହୁଏ, ତାହାକୁ ସର୍ବନାମ କହନ୍ତି ।
- ସର୍ବନାମ ସାଧାରଣତଃ ଚାରିପ୍ରକାରର । ଯଥା :

  କ) ବ୍ୟକ୍ତିବାଚକ ବା ପୁରୁଷବାଚକ ସର୍ବନାମ

  ଖ) ପ୍ରଶ୍ନବାଚକ ସର୍ବନାମ

  ଗ) ସମ୍ବନ୍ଧବାଚକ ସର୍ବନାମ

  ଘ) ନିର୍ଣ୍ଣାୟକ ସର୍ବନାମ

  କ) ଏ ଗଳ୍ପଟି ଲେଖିଛି କିଏ ? - ପ୍ରଶ୍ନବାଚକ ସର୍ବନାମ ।

  ଖ) ଆପଣ ମୋ' କଥା ବିଶ୍ୱାସ କରନ୍ତୁ ।- ବ୍ୟକ୍ତିବାଚକ ବା ପୁରୁଷବାଚକ ସର୍ବନାମ ।

  ଗ) ଅନ୍ୟର ଦୁଃଖ ବୁଝିଲେ, ନିଜର ଦୁଃଖ ଦୂର ହୁଏ ।- ନିର୍ଣ୍ଣୟକ ସର୍ବନାମ ।

  ଘ) ସେ ଜଣେ ବଡ଼ ପଣ୍ଡିତ ।- ବ୍ୟକ୍ତିବାଚକ ବା ପୁରୁଷ ବାଚକ ସର୍ବନାମ ।

ବିଶେଷ୍ୟ, ବିଶେଷଣ ଓ ସର୍ବନାମ ପଦର ଲିଙ୍ଗ ବିଚାର ହୁଏ, ଏହି ଲିଙ୍ଗ ଚାରିପ୍ରକାରର ।

ଯଥା - କ) ପୁଂଲିଙ୍ଗ

ଖ) ସ୍ତ୍ରୀଲିଙ୍ଗ

ଗ) ଉଭୟ ଲିଙ୍ଗ

ଘ) କ୍ଳୀବ ଲିଙ୍ଗ

ଓଡ଼ିଆ ଭାଷାରେ ପ୍ରାକୃତିକ ଲିଙ୍ଗକୁ ଅନୁସରଣ କରି ବିଶେଷ୍ୟ ପଦର ଲିଙ୍ଗ ନିରୂପିତ ହୁଏ ।

ଉଦାହରଣ - କ) ବେଗବାନ୍ ଘୋଡ଼ା ।

ଖ) ସୁନ୍ଦର ଲୋକ ।

ଶବ୍ଦଗୁଡ଼ିକର ଲିଙ୍ଗ -

ଗୋରୁ - ଉଭୟ ଲିଙ୍ଗ

ଛେଳି - ଉଭୟ ଲିଙ୍ଗ

କର୍ମୀ - ଉଭୟ ଲିଙ୍ଗ

ଗଛ - କ୍ଳୀବଲିଙ୍ଗ

ଖାତା - କ୍ଳୀବଲିଙ୍ଗ

ଲୁହା - କ୍ଳୀବଲିଙ୍ଗ

ଆଈ - ସ୍ତ୍ରୀ ଲିଙ୍ଗ

ଆଦ୍ୟା - ସ୍ତ୍ରୀ ଲିଙ୍ଗ

ଆଶିଷ - ପୁଂଲିଙ୍ଗ

ଭାଇ - ପୁଂଲିଙ୍ଗ

## ସହାୟକ ଗ୍ରନ୍ଥସୂଚୀ

୧) ସର୍ବସାର ବ୍ୟାକରଣ - ନାରାୟଣ ମହାପାତ୍ର, ଶ୍ରୀଧର ଦାସ
୨) ଓଡ଼ିଆ ବ୍ୟାକରଣ – ଡଃ ଧନେଶ୍ୱର ମହାପାତ୍ର
୩) ଓଡ଼ିଆ ଧ୍ୱନିତତ୍ତ୍ୱ ଓ ଶବ୍ଦ ସମ୍ଭାର - ଡଃ ଧନେଶ୍ୱର ମହାପାତ୍ର
୪) ଓଡ଼ିଆ ବ୍ୟାକରଣ ବିଚାର - ଡଃ ବିଜୟଲକ୍ଷ୍ମୀ ମହାନ୍ତି
୫) ପ୍ରଚଳିତ ଓଡ଼ିଆ ଭାଷାର ବ୍ୟାକରଣ - ଡଃ ବିଜୟ ପ୍ରସାଦ ମହାପାତ୍ର
୬) ମାଧମିକ ବ୍ୟାକରଣ - ମାଧମିକ ଶିକ୍ଷା ପରିଷଦ, କଟକ

## ତୁମେ ମାନେ ଅଧିକ ଜାଣିବା ପାଇଁ ଉପଯୋଗୀ ପୁସ୍ତକ –

୧) ଓଡିଆ ଭାଷା ଓ ସାହିତ୍ୟ - ପଣ୍ଡିତ ନୀଳକଣ୍ଠ ଦାସ
୨) ଓଡିଆ ଭାଷାର ଇତିହାସ - ପଣ୍ଡିତ ବିନାୟକ ମିଶ୍ର
୩) ଓଡିଆ ଲିପି ଓ ଭାଷାର କ୍ରମ ବିକାଶ – ଡଃ କୁଞ୍ଜ ବିହାରୀ ତ୍ରିପାଠୀ
୪) ଭାଷା ଶାସ୍ତ୍ର ପରିଚୟ- ପ୍ରଫେସର ଗୋଲୋକ ବିହାରୀ ଧଳ
୫) ଓଡିଆ କେବେ - ପ୍ରଫେସର ଗୋଲୋକ ବିହାରୀ ଧଳ
୬) ଓଡିଆ ଲିପି ଓ ଭାଷା – ଡଃ ଖଗେଶ୍ୱର ମହାପାତ୍ର
୭) ଓଡିଆ ଭାଷା ର ଚର୍ଚ୍ଚାର ପରଂପରା - ଡଃ ଗଗନେନ୍ଦ୍ର ନାଥ ଦାଶ
୮) ଓଡିଆ ଭାଷାର ଉତ୍ପତ୍ତି ଓ କ୍ରମ ବିକାଶ – ଡଃ ବଂଶୀଧର ମହାନ୍ତି
୯) ଓଡିଆ ଭାଷା ଓ ଭାଷା ବିଜ୍ଞାନ -ଡଃ ଦେବୀ ପ୍ରସନ୍ନ ପଟ୍ଟନାୟକ
୧୦) ମାତୃ ଭାଷା ଓଡିଆ – ଡଃ ବିଜୟ ପ୍ରସାଦ ମହାପାତ୍ର